
ISSN: 2456-9194, Vol. VIII, Issue. II, September 2024

# ପ୍ରତ୍ୟୟ

(Journal of Odia Language, Culture and Science)

Peer-Reviewed Journal - Homepage: http://cphfs.in/research.php



# ବିଂଝାଲ ଜନଜାତିଙ୍କ ସଂସ୍କୃତି ଓ ପରମ୍ପରା : ଏକ ଅନୁଶୀଳନ

**ଡଃ. ରଶ୍ମିତା ତ୍ରିପାଠୀ(ଆସୋସିଏଟ୍ ପ୍ରଫେସର) ଉଭରା କୁମାର ବରିହା (ଗବେଷକ)**

ତୁଳନାତ୍ମକ ଆଦିବାସୀ ଭାଷା ଓ ସାହିତ୍ୟ ବିଭାଗ,

କିସ୍ ମାନିତ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

Email: drrasmita.tripathy@gmail.com

**ସାରାଂଶ:** ଜ୍ଞାନ, ବିଶ୍ୱାସ, ରୀତି, ନୀତି, ବିଧି, ନିୟମ, କଳା ତଥା ସାମାଜିକ ପ୍ରାଣୀ ହିସାବରେ ମଣିଷ ଦ୍ୱାରା ଅର୍ଜିତ ତଥା ସଂରକ୍ଷିତ ଅନ୍ୟାନ୍ୟ ଯୋଗ୍ୟତା ଏବଂ ଆଦର୍ଶର ଏକ ଜଟିଳ ପୂର୍ଣ୍ଣାଙ୍ଗ ଜୀବନ ହେଉଛି ପରମ୍ପରା । ସମସ୍ତ ସମ୍ପ୍ରଦାୟର ଭିନ୍ନ ଭିନ୍ନ ସଂସ୍କୃତି ଓ ପରମ୍ପରା ରହିଅଛି । ସଂସ୍କୃତି ଓ ପରମ୍ପରାର ଜୀବନ ଜୀବିକା ମଧ୍ୟରେ କର୍ମ କର୍ମାଣି, ବିବାହ, ଜନ୍ମ ସଂସ୍କାର, ମୃତ୍ୟୁସଂସ୍କାର, ପର୍ବପର୍ବାଣି ଓ ରୀତିନୀତି ଆଦି ଆଧାରିତ । ବିଂଝାଲ ଜନଜାତିମାନେ ବର୍ଷତମାମ ବହୁ ପର୍ବପର୍ବାଣି ପାଳନ କରିଥାନ୍ତି । ପ୍ରତ୍ୟେକ ପର୍ବର ମୁଖ୍ୟ ଉଦ୍ଦେଶ୍ୟ ହେଲା ପୂର୍ବପୁରୁଷ ବା ଡୁମା ପୂଜା, ଦେବଦେବୀ ପୂଜା ଓ ଭବିଷ୍ୟତ ମଙ୍ଗଳପାଇଁ ପ୍ରାର୍ଥନା । ପର୍ବ ପୂର୍ବରୁ ଏମାନେ ସମସ୍ତ ପ୍ରକାର ଖାଦ୍ୟ ପାନୀୟ ଓ ପୂଜା ଉପକରଣମାନ ସଂଗ୍ରହ କରିଥାନ୍ତି । ପର୍ବପର୍ବାଣି ସମୟରେ ପର୍ବର ଆନୁସଙ୍ଗିକ କର୍ମ ବ୍ୟତୀତ ଅନ୍ୟ କୌଣସି ପ୍ରକାର ଶାରୀରିକ ପରିଶ୍ରମ କରିବାକୁ ପସନ୍ଦ କରି ନଥାନ୍ତି । ବିଂଝାଲ ଜନଜାତିମାନେ ବର୍ଷାଋତୁ ଠାରୁ ଶୀତଋତୁ ପର୍ଯ୍ୟନ୍ତ କୃଷି କର୍ମରେ ଲିପ୍ତ ରହିଥାନ୍ତି । ଶୀତଋତୁ ପରେ ସେମାନଙ୍କୁ କୃଷି କର୍ମରୁ ଅବସର ମିଳେ । ଏହି ସମୟରେ ସେମାନଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ଥାଏ । ତେଣୁ ସେମାନେ ବିଭିନ୍ନ ପ୍ରକାର ପର୍ବପର୍ବାଣିରେ ମାତି ଯାଇଥାନ୍ତି । ବିଂଝାଲ ଜନଜାତିଙ୍କ ପର୍ବଗୁଡ଼ିକ ମୁଖ୍ୟତଃ କୃଷି ଭିତିକ ଓ ଜୀବନ ଜୀବିକା ଆଧାରିତ । ଏହି ପ୍ରବନ୍ଧରେ ବିଂଝାଲ ଜନଜାତିଙ୍କ ବିଭିନ୍ନ ପର୍ବପର୍ବାଣି ସହ କର୍ମ କର୍ମାଣି, କଣାବରା, ଝିଅ ପୁଷ୍ପବତୀ ହେବା ସଂସ୍କାର, ବିବାହ ପ୍ରଥା, ଜନ୍ମ ଓ ମୃତ୍ୟୁ ସଂସ୍କାର ପ୍ରଭୃତି ପ୍ରସଙ୍ଗରେ ଆଲୋକପାତ କରାଯାଇଛି ।

**ମୁଖ୍ୟ ଶବ୍ଦ:** ତିହାର୍ (ପର୍ବପର୍ବାଣି), ଫଗୁନ୍ ତିହାର୍ (ଫାଲଗୁନ ପର୍ବ), ଫଗୁନ୍ ପୁନି(ଫାଲଗୁନ ପୂର୍ଣ୍ଣିମା), ପୁଷ୍ ପୁନି (ପୌଷ ପୂର୍ଣ୍ଣିମା), ମହୁଲ୍ କୁଚି (ମହୁଲ ଫୁଲ), ପେଠି (ଛେଳି), ଭେଲୁଆଁ (ଭାଲିଆ)

ଗବେଷଣାର ଉଦ୍ଦେଶ୍ୟ:

୧. ଶିକ୍ଷିତ ବିଂଝାଲ ସମ୍ପ୍ରଦାୟର ଯୁବପିଢ଼ି ଆଧୁନିକତାକୁ ଆପଣେଇ ନିଜସ୍ୱ ସଂସ୍କୃତି ଓ ପରମ୍ପରାକୁ ଭୁଲିବାକୁ ଲାଗିଲେଣି, ତେଣୁ ସେମାନେ କିଭଳି ଭାବରେ ନିଜର ସଂସ୍କୃତି ଓ ପରମ୍ପରାକୁ ଆପଣେଇବେ ତାହା ଏହି ପ୍ରବନ୍ଧରେ ପ୍ରୟାସ କରାଯାଇଛି ।

୨. ବିଂଝାଲ ସମ୍ପ୍ରଦାୟର ପର୍ବପର୍ବାଣି, ରୀତିନୀତି, କର୍ମକର୍ମାଣି ପ୍ରଭୃତିକୁ ଏହି ପ୍ରବନ୍ଧରେ ଲୋକଲୋଚନକୁ ଆଣିବାର ପ୍ରୟାସ କରାଯାଇଛି ।

୩. ବିଂଝାଲ ଜନଜାତିଙ୍କ ସାମାଜିକ ଜୀବନ ଚର୍ଯ୍ୟା ଏହି ପ୍ରବନ୍ଧରେ ଲୋକଲୋଚନକୁ ଅଣାଯାଇଛି।

ତଥ୍ୟ ସଂଗ୍ରହର ପଦ୍ଧତି: ଏହି ପ୍ରବନ୍ଧ ପ୍ରସ୍ତୁତ ନିମନ୍ତେ ଉଭୟ ପ୍ରାଥମିକ ଓ ମାଧ୍ୟମିକ ପଦ୍ଧତି ମାଧ୍ୟମରେ ତଥ୍ୟ ସଂଗ୍ରହ କରାଯାଇଛି । ପ୍ରାଥମିକ ପଦ୍ଧତି: କ୍ଷେତ୍ର ଅଧ୍ୟୟନ ସମୟରେ ପର୍ଯ୍ୟବେକ୍ଷଣ ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ତଥ୍ୟ ସଂଗ୍ରହ କରାଯାଇଛି । ନୂଆପଡ଼ା ଜିଲ୍ଲାର ଲଖନା, ଗୁଣ୍ଡୁରୁଝର, ମାଗୁରପାଣି, ଦାଦର ଗାଁ, ଖଲିଆପାଣି, ସରେଇପାଲି ପ୍ରଭୃତି ଗ୍ରାମକୁ ଯାଇ ତଥ୍ୟ ସଂଗ୍ରହ କରାଯାଇଛି ।

ମାଧ୍ୟମିକ ପଦ୍ଧତି: କିସ୍ ବିଶ୍ୱବିଦ୍ୟାଳୟ ପାଠାଗାର ଭୁବନେଶ୍ୱର, ରାଜ୍ୟ ପାଠାଗାର ଭୁବନେଶ୍ୱର, ପରିଜା ପାଠାଗାର ଉତ୍କଳ ବିଶ୍ୱବିଦ୍ୟାଳୟ , ST, SC,RTI ଭୁବନେଶ୍ୱର ଇତ୍ୟାଦିରୁ ତଥ୍ୟ ସଂଗ୍ରହ କାରାଯାଇଛି ।

ଉପକ୍ରମ

ମାନବ ସଭ୍ୟତାର ଆଦିବିକାଶ କାଳରେ ଯେଉଁମାନେ ବଣଜଙ୍ଗଲ ପାହାଡ଼ ପର୍ବତରେ ବସବାସ କରି ରହିଗଲେ ସେମାନଙ୍କୁ ଆଦିବାସୀ ଭାବରେ ଗ୍ରହଣ କରାଯାଏ । ଭାରତୀୟ ସଭ୍ୟତାର କ୍ରମବିକାଶରେ ଆଦିବାସୀ ସମାଜ ଓ ସଂସ୍କୃତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଅଛି । କୌଣସି ସମ୍ପ୍ରଦାୟ ଅନଗ୍ରସର ହୋଇନଥିଲା; କିନ୍ତୁ ଜୀବନ ସଂଗ୍ରାମର ପ୍ରତିଦ୍ୱନ୍ଦିତାର ସମ୍ମୁଖୀନ ହୋଇ ନ ପାରି ଦ୍ରାବିଡ଼ମାନେ ଦକ୍ଷିଣ ଭାରତରେ ରହି ଯାଇ ସେଠାରେ ବସବାସ କରି ରହିଗଲେ । ଆଦିବାସୀମାନେ ଉର୍ବର ନଦୀ, ଉପତ୍ୟକା ପରିତ୍ୟାଗ କରି ନିଘଞ୍ଚ ଜଙ୍ଗଲ ଓ ପାର୍ବତ୍ୟଗିରୀ କନ୍ଦରରେ ବସବାସ କରିବାକୁ ପସନ୍ଦ କଲେ ଏବଂ ଜଙ୍ଗଲର ଫଳମୂଳ ଭକ୍ଷଣ କରି ଜୀବନ ଅତିବାହିତ କରୁଥିଲେ ।"(୨)

ବିଂଝାଲ ଜନଜାତି ଓଡ଼ିଶାର ପ୍ରାଚୀନ ଜନଜାତି ସମ୍ପ୍ରଦାୟର ଅନ୍ୟତମ ପ୍ରସିଦ୍ଧ ଆଦିବାସୀ। ଏହି ଜନଜାତି ଓଡ଼ିଶାର ପଶ୍ଚିମାଞ୍ଚଳରେ ବସବାସ କରୁଥିଲେ ହେଁ ମୁଖ୍ୟତଃ 'ବରଗଡ଼', 'ବଲାଙ୍ଗୀର', 'ନୂଆପଡ଼ା', 'କଳାହାଣ୍ଡି', 'ସମ୍ବଲପୁର', 'ସୋନପୁର' ଓ 'ବୌଦ୍ଧ' ପ୍ରଭୃତି ଅଞ୍ଚଳରେ ବାସ କରି ଆସୁଛନ୍ତି । ଓଡ଼ିଶା ବ୍ୟତୀତ ଭାରତର ଛତିଶଗଡ଼, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଆସାମ, ଝାଡ଼ଖଣ୍ଡ, ବିହାର ଓ ରାଜସ୍ଥାନ ଆଦି ରାଜ୍ୟ ଗୁଡ଼ିକରେ ବହୁଳ ଭାବରେ ବସବାସ କରୁଛନ୍ତି । ସେମାନେ ପାହାଡ଼ ପାଦ ଦେଶରେ ବସବାସ କରି ରହୁଥିଲେ । ଏହି ବିଂଝାଲ ନାମଟି ଦୁଇ ଭାଗରେ ବିଭକ୍ତ ଯଥା- 'ବିନ୍' (ବିନା) ଏବଂ 'ଝାଲ୍' ଅର୍ଥାତ୍ (ଝାଳବିନା) । ଏହି ଶବ୍ଦରୁ ଜଣାଯାଏ ଯେ ସେମାନେ ପରିଶ୍ରମକୁ ଗୁରୁତ୍ୱ ଦେଇଥାନ୍ତି ।(୩) ପ୍ରାୟତଃ ଆଜିକାଲି ସେମାନେ ସମତଳ ଅଞ୍ଚଳ ତଥା ଜନବସତି ଅଞ୍ଚଳରେ ସାମୂହିକ ଭାବରେ ଜୀବନ ଯାପନ କରୁଛନ୍ତି । ସେମାନେ ଅନ୍ୟ ଆଦିବାସୀମାନଙ୍କଠାରୁ ଅଧିକ ସଭ୍ୟ ଓ ସଂସ୍କୃତି ସମ୍ପନ୍ନ । ଆଧୁନିକତା ସହିତ ପାଦ ମିଳାଇ ଜୀବନ ଯାପନ କରିବାକୁ ଆରମ୍ଭ କଲେଣି । ସେମାନେ ଶିକ୍ଷା ଦୀକ୍ଷା ଲାଭକରି ଉନ୍ନତ ଜୀବନ ଯାପନ କରିପାରିଛନ୍ତି । ପ୍ରାୟ ନବେ ଭାଗ ବିଂଝାଲ ଜନଜାତି କୃଷି ଓ ଜଙ୍ଗଲ ଦ୍ରବ୍ୟ ଉପରେ ନିର୍ଭର କରିଥାନ୍ତି । ନାନା ପ୍ରକାର ଶସ୍ୟ ବା ଫସଲ ଉତ୍ପାଦନ କରି ସେମାନଙ୍କ ଜୀବିକା ନିର୍ବାହ କରନ୍ତି । ପାରମ୍ପରିକ ବେଶ ପୋଷାକ, ରୀତିନୀତି, ଖାଦ୍ୟପଦାର୍ଥକୁ ଛାଡ଼ି ସେମାନେ ନୂତନ ଜୀବନ ଶୈଳୀକୁ ଆଦରି ନେଲେଣି । ଏକଦା ଶିକାର କରି ଶିକାର ମାଂସରେ ଭୋଜ୍ୟଭାତର ଆୟୋଜନ କରୁଥିଲେ । ମାତ୍ର ସମ୍ପ୍ରତି ସେମାନେ କୃଷିରୁ ଉତ୍ପାଦିତ ଶସ୍ୟ ଯଥା- ଧାନ, ମାଣ୍ଡିଆ, ମୁଗ, ବିରି, କୋଳଥ, ଚଣା, ଚିନାବାଦାମ, ବାଜରା, ସୋରିଷ ଓ ରାଶି ପ୍ରଭୃତିକୁ ବ୍ୟବହାର କରି ଦୈନନ୍ଦିନ ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରିଥାନ୍ତି । ପର୍ବପର୍ବାଣିରେ ମଧ୍ୟ ଏସବୁକୁ ବ୍ୟବହାର କରିଥାନ୍ତି। ଅବଶ୍ୟ ପର୍ବପର୍ବାଣି ସମୟରେ ଶିକାର କରି ଆଣି ସାମୂହିକ ଭାବରେ ରାନ୍ଧି ଖାଆନ୍ତି ଓ ମହୁଲି ମଦ୍ୟପାନ କରି ଉତ୍ସବ ପାଳନ କରିଥାନ୍ତି । ମଦ୍ୟପାନ ସେମାନଙ୍କ ଜୀବନ ଧାରାର ଏକ ପ୍ରଚଳିତ ପାନୀୟ ଦ୍ରବ୍ୟ । ସେମାନେ ପ୍ରତ୍ୟେକ ପର୍ବପର୍ବାଣି, ବିବାହ, ଜନ୍ମ, ଶିଶୁ ନାମକରଣ, ମୃତ୍ୟୁ ସଂସ୍କାର ଓ ବନ୍ଧୁ ଚର୍ଚ୍ଚା ଇତ୍ୟାଦି ସମୟରେ ମଦ୍ୟପାନ ବ୍ୟବହାର କରିଥାନ୍ତି । ବିଶେଷତଃ ଆନନ୍ଦ ଉତ୍ସବ ଅବକାଶରେ ପର୍ବପର୍ବାଣି, ଜାନିଯାତ୍ରା ଓ ବିବାହ ପ୍ରଭୃତି ସମୟରେ ମହିଳାମାନେ ମଧ୍ୟ ପୁରୁଷମାନଙ୍କ ପରି ମଦ୍ୟପାନ କରିବାର ଦେଖାଯାଏ ।

(କ) ପର୍ବପର୍ବାଣି (ତିହାର୍)

ବିଂଝାଲ ଜନଜାତିମାନେ ପ୍ରାକୃତିକ ପରିବେଶ ସହିତ ଜଡ଼ିତ ହୋଇ ରହିଥାନ୍ତି । ସେମାନେ ହେଉଛନ୍ତି ପ୍ରକୃତିର ପୂଜକ । ମାଟି, ପଥର ଓ ବୃକ୍ଷକୁ ତାଙ୍କର ବିଭିନ୍ନ ଇଷ୍ଟ ଦେବଦେବୀ ରୂପରେ ପୂଜନ କରିଥାନ୍ତି । ଏହି ଜନଜାତି ସମ୍ପ୍ରଦାୟ ବିଭିନ୍ନ ଋତୁରେ ଭିନ୍ନ ଭିନ୍ନ ପର୍ବପର୍ବାଣି ପାଳନ କରିଥାନ୍ତି । ସେଥି ମଧ୍ୟରୁ କେତୋଟି ପର୍ବର ଉଦାହରଣ ଏଠାରେ ପ୍ରଦାନ କରାଗଲା । ଯଥା - 'ପୁଷ୍ ପୁନି ବା ଛେର୍ ଛେରା ତିହାର୍', 'ଫଗୁନ୍ ତିହାର୍ (ଫାଲ୍ଗୁନ ପୂର୍ଣିମା)', 'ଚଇତ୍ ତିହାର୍', 'ବିହନ୍ ଝୋକା', 'ଅକ୍ଷୟ ତୃତୀୟା', 'ହରିୟାଲି ତିହାର୍', 'ନୂଆଖାଇ ତିହାର୍', ପ୍ରଭୃତି ।

ପୁଷ୍ ପୁନି ବା ଛେର୍ ଛେରା ତିହାର୍ (ପୌଷ ପୂର୍ଣ୍ଣିମା): ପୁଷ୍ ପୁନି ତିହାର୍ ସାଧାରଣତଃ ବିଂଝାଲ ଜନଜାତିମାନେ ପୌଷ ମାସର ପୂର୍ଣ୍ଣିମା ତିଥିରେ ପାଳନ କରିଥାନ୍ତି । ଏହା ହେଉଛି ଏକ କୃଷି ଭିତିକ ପର୍ବ । ଏହି ଜନଜାତିର ସମସ୍ତଙ୍କର ଧାନ କଟା ସରିଲା ପରେ ଏହି ପର୍ବ ପାଳନ ହୁଏ । ଏହି ପୂର୍ଣିମା ତିଥିରେ କୁନି କୁନି ପୁଅ ଝିଅ ଓ ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଦଳ ଗଠନ କରି ଘରକୁ ଘର ବୁଲି ଛେର୍ ଛେରା ମାଗିଥାନ୍ତି । ଯାହା ଘରେ ଯାହା ଚାଷ ହୋଇଥାଏ, ତାହା ସବୁ ଦେଇଥାନ୍ତି । ଏହି ପର୍ବରେ ଛୋଟ ଛୋଟ ଦଳ ହୋଇ ବିଭିନ୍ନ ଢଙ୍ଗରେ ଅଭିନୟ ପରିବେଷଣ କରି ଘର ଘର ବୁଲି ଛେର୍ ଛେରା ମାଗିଥାନ୍ତି । ଏହି ପର୍ବର ମୁଖ୍ୟ ପିଠା ହେଉଛି ମଣ୍ଡା ପିଠା । ଏହି ପିଠାକୁ ଚାଉଳ ଚୂନାରେ ପ୍ରସ୍ତୁତ କରିଥାନ୍ତି । ଏହି ପର୍ବରେ ସମସ୍ତଙ୍କ ଘରେ ମାଂସ ରନ୍ଧା ହୋଇଥାଏ ଏବଂ ସମସ୍ତେ ମାଂସ ମଦ୍ୟ ସେବନ କରି ବହୁତ ଆନନ୍ଦ ଉଲ୍ଲାସରେ ଦିନ କଟାଇଥାନ୍ତି । ବିଂଝାଲ ଜନଜାତିଙ୍କ ଛେର୍ ଛେରା ଗୀତ ଏଠାରେ ଦୃଷ୍ଟାନ୍ତ ଦିଆଯାଇଅଛି ।

ଫଗୁନ୍ ତିହାର୍ (ଫାଲଗୁନ ପୂର୍ଣ୍ଣିମା): ବିଂଝାଲ ଜନଜାତି ବଣ ଜଙ୍ଗଲର ଦ୍ରବ୍ୟ ଉପରେ ଜୀବନ ନିର୍ବାହପାଇଁ ନିର୍ଭର କରିଥାନ୍ତି । ସେମାନେ ମହୁଲ ଫୁଲ, ଚାର ଫଳକୁ ସଂଗ୍ରହ କରି ପେଟ ପୋଷିଥାନ୍ତି। ତେଣୁ ପ୍ରତ୍ୟେକ ବର୍ଷ ଫାଲଗୁନ ମାସର ପୂର୍ଣ୍ଣିମା ତିଥିରେ ଏହି ପର୍ବ ପାଳନ କରିଥାନ୍ତି । ସେମାନେ ପୂର୍ଣ୍ଣମା ଦିନ ବା ଫାଗୁନ୍ ପୁନି ଦିନ ସକାଳୁ

ମହୁଲ ଫୁଲ କଢ଼, ଚାର ବଉଳ ଓ ଆମ୍ର ବଉଳ ପ୍ରଭୃତି ଛିଣ୍ଡାଇ ଆଣିଥାନ୍ତି । ମହୁଲ ଫୁଲ ଫୁଟୁଥିବା କଢ଼କୁ 'ମହୁଲ୍ କୁଚି' କହିଥାନ୍ତି । ସର୍ବ ପ୍ରଥମେ ନିଜ ଦେବଦେବୀ, ପୂର୍ବପୁରୁଷ (ଡୁମା)ମାନଙ୍କ ନିକଟରେ ଅର୍ପଣ କରିଥାନ୍ତି । ତତ୍ ସହିତ ମହୁଲି ମଦ ଓ କୁକୁଡ଼ା ବଳୀ ଦେଇଥାନ୍ତି । ପୂଜା ସରିବା ପରେ ଦେବଦେବୀଙ୍କ ଅର୍ପଣ କରାଯାଇଥିବା ଭୋଗକୁ ପରିବାର ସମସ୍ତ ସଦସ୍ୟ ଭାଗବଣ୍ଟା କରି ଖାଇଥାନ୍ତି। ସେମାନେ ଫାଲଗୁନ ପୂର୍ଣ୍ଣିମା ପୂର୍ବରୁ ଯଦି ମହୁଲ ଫୁଲ,ଚାର ବଉଳ ଓ ଆମ୍ର ବଉଳ କିମ୍ବା ଫଳକୁ ଛୁଅନ୍ତି ତେବେ ଗାଧୋଇବାକୁ ପଡ଼ିଥାଏ । ଏହି ପର୍ବ ପୂର୍ବରୁ ସେମାନେ ନିଜ ଦେବଦେବୀଙ୍କୁ ଅର୍ପଣ ନକରିବା ପୂର୍ବରୁ ଫଳ ଗୁଡ଼ିକ ଛୁଅନ୍ତି ନାହିଁ କିମ୍ବା ଖାଆନ୍ତି ନାହିଁ । ଏହି ପର୍ବ ସରିବା ପରେ ପ୍ରତ୍ୟେକ ଜଙ୍ଗଲ ଦ୍ରବ୍ୟକୁ ସେବନ କରିଥାନ୍ତି ।

ଚଇତ୍ ତିହାର୍ (ଚୈତ୍ର ପର୍ବ): ଚଇତ ତିହାର ବା ଚୈତ୍ର ପର୍ବ ସାଧାରଣତଃ ବିଂଝାଲ ଜନଜାତିମାନେ ଚୈତ୍ର ମାସର ପୂର୍ଣ୍ଣିମା ତିଥିରେ ପାଳନ କରିଥାନ୍ତି । ବିଂଝାଲ ଜନଜାତିରେ ଏହି ପର୍ବ ମାତ୍ର ଗୋଟିଏ ଦିନ ପାଳନ କରିଥାନ୍ତି । ଏହି ପର୍ବରେ ନିଜ ନିଜ ଘରେ ନିଜ ଦେବଦେବୀ ଓ ପୂର୍ବପୁରୁଷମାନଙ୍କୁ ଆରାଧନା କରି ମଦ ଓ କୁକୁଡ଼ା ବଳୀ ଦେଇ ମହୁଲ ପୋଡ଼ା ଭୋଗ ଅର୍ପଣ କରିଥାନ୍ତି । ଦେବଦେବୀଙ୍କ ଠାରେ ପ୍ରଥମେ ମହୁଲ ପୋଡ଼ା ଦିଆଯିବା ପରେ ପରିବାରର ସମସ୍ତେ ମହୁଲ ଖାଇଥାନ୍ତି । ତା ପୂର୍ବରୁ କେହି ମହୁଲ ଖାଇବେ ନାହିଁ । ସେମାନଙ୍କ ବିଶ୍ୱାସ ଯେ ମହୁଲ ପୋଡ଼ା ତିହାର ବା ପର୍ବ ଆଗରୁ ଯିଏ ମହୁଲ ଖାଏ ତା ଉପରେ ଦେବୀ ପ୍ରକୋପ କରନ୍ତି, ତାର ବହୁତ ଅନିଷ୍ଟ କରିଥାନ୍ତି । ତା ପିଲାଛୁଆଙ୍କୁ ବିଭିନ୍ନ ପ୍ରକାର ଦୁଖଃ ଯନ୍ତ୍ରଣା କରିବାକୁ ପଡ଼େ । ଘରେ ଥିବା ଗାଇ, ଗୋରୁ, ଛେଳି, ମେଣ୍ଢା, କୁକୁଡ଼ା ମରିଯାନ୍ତି । ଏହି ତିହାର ବା ପର୍ବ ପାଳନ କରିବା ଦାୟିତ୍ୱ ପରିବାରର ମୁଖିଆଙ୍କ ଦ୍ୱାରା ସମ୍ପାଦିତ କରିଥାନ୍ତି ।

ବିହନ୍ ଝୋକା ତିହାର: ଏହି ପର୍ବ ବିଂଝାଲ ମାନଙ୍କର ଏକ କୃଷି ଭିତିକ ପର୍ବ । ବୈଶାଖ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ଏହି ପର୍ବ ପାଳନ କରିଥାନ୍ତି । ଏହି ପର୍ବରେ ମାଁ ଭଣ୍ଡାର୍ ଘରେନ୍ (ଗ୍ରାମର ଧନ ଲକ୍ଷ୍ମୀ) ଦେବୀଙ୍କୁ ପୂଜା କରିଥାନ୍ତି ଅର୍ଥାତ୍ ଗ୍ରାମର ଝାଁକର, ଗ୍ରାମର ମୁଖିଆ ଓ ଅନ୍ୟ ଲୋକମାନେ ମିଶି ବିହନ୍ ଝୋକା ପର୍ବ କରିବା ପାଇଁ ନିର୍ଦ୍ଧିଷ୍ଟ ଦିନ ବାର ଓ ତିଥି ବାହାର କରିଥାନ୍ତି । ସାଧାରଣତଃ ମାଁ ଭଣ୍ଡାର୍ ଘରେନ୍ (ଗ୍ରାମର ଧନ ଲକ୍ଷ୍ମୀ) ଦେବୀଙ୍କ ଗୁଡ଼ି ଗ୍ରାମର ପାଖରେ ଥିବା ପାହାଡ଼ କିମ୍ବା ବଡ଼ ଗଛ ମୂଳରେ ଥାଆନ୍ତି । ନିର୍ଦ୍ଧିଷ୍ଟ ଦିନ ୧୨ ଟା ବେଳକୁ ସମସ୍ତେ ମିଶି ଗ୍ରାମର ଝାଁକର ସହିତ ସେହି ଗୁଡ଼ିକୁ ଯାଇଥାନ୍ତି। ଗ୍ରାମର ମୁଖିଆ ଓ ଝାଁକର ଚାଉଳ,ଧୂପ, ଦୀପ, ସିନ୍ଦୁର ଓ ସମସ୍ତଙ୍କ ପାଇଁ ଧାନ ଧରି ଯାଇଥାନ୍ତି । ସେଠାରେ ଭଣ୍ଡାର୍ ଘରେନ୍ ଦେବୀଙ୍କୁ ଚାଉଳ, ଦୀପ, ଧୂପ ଅର୍ପଣ କରି ପୂଜା କରିଥାନ୍ତି । ଗ୍ରାମର ଅନ୍ୟ ଲୋକମାନେ ଚାଉଳ, ନଡ଼ିଆ, ଫୁଲ , କୁକୁଡ଼ା, ବୋଦା, ଇତ୍ୟାଦି ଧରି ଯାଇଥାନ୍ତି । ଦେବୀଙ୍କ ଠାରେ ମୁଠାଏ ଚାଉଳ ରଖିଥାନ୍ତି । ଲୋକମମାନେ ଆଣିଥିବା କୁକୁଡ଼ା, ବୋଦା, ପେଠି(ଛେଳି) ଆଦିକୁ ପ୍ରଥମେ ସେହି ଚାଉଳ ଖୁଆଇଥାନ୍ତି । ଯେଉଁ କୁକୁଡ଼ା, ବୋଦା ପେଠି(ଛେଳି) ଠୁକ୍ ଠୁକ୍ କରି ଖାଇଥାନ୍ତି, ତାକୁ ବଳି ଦେଇଥାନ୍ତି । ଠୁକ୍ ଠୁକ୍ କରି ଖାଇନଥିବା କୁକୁଡ଼ା, ବୋଦାକୁ ବଳି ଦେଇନଥାନ୍ତି । ସେଠାରେ ପିପ୍ପଳ ପତ୍ରକୁ ଛୋଟ ଛୋଟ ଦୁଇଟି ବଳଦ ଓ ପଳାଶ ଗଛର ଡାଳରେ ଗୋଟିଏ ଲଙ୍ଗଳ ତିଆରି କରିଥାନ୍ତି । ଗୁଡ଼ିର ସାମନାରେ କିଛି ଜାଗାରେ ମାଟିକୁ କାଦୁଅ କରି ପଳାଶ ଗଛର ଲଙ୍ଗଳ ଓ ପିପ୍ପଳ ପତ୍ରରେ ତିଆରି ବଳଦ ଦ୍ୱାରା ଝାଁକର ସେହି ସ୍ଥାନକୁ ଚଷିଥାନ୍ତି । ତାପରେ ସେହି ଜାଗାରେ ବିହନ ବୁଣିଥାନ୍ତି । ସେଇଠୁ କିଛି ଧାନ ଆଣି ଝାଁକର ନିଜ ଘରେ ଗ୍ରାମର ସମସ୍ତ ଚାଷୀମାନଙ୍କୁ ଧାନ ଦେଇଥାନ୍ତି ଏବଂ ମାଁ ଭଣ୍ଡାର୍ ଘରେନ୍ ଦେବୀଙ୍କୁ ଅର୍ପଣ କରାଯାଇଥିବା ଭୋଗକୁ ସମସ୍ତଙ୍କୁ ବାଣ୍ଟି ଦେଇଥାନ୍ତି ।

ହରିୟାଲି ତିହାର୍: ଶ୍ରାବଣ ମାସର ଅମାବାସ୍ୟା ଦିନ ଏହି ପର୍ବ ପାଳନ କରିଥାନ୍ତି । ଏହି ପର୍ବରେ ମାଟି ଦେବତାଙ୍କୁ ପୂଜା କରିଥାନ୍ତି । ଏହି ଦିନ ସମସ୍ତଙ୍କ ନିଜ ନିଜ ଜମିରେ ଭାଲିଆ (ଭେଲୁଆଁ) ଡାଳ ଖଞ୍ଜି ଦେଇଥାନ୍ତି । ତାଙ୍କର ବିଶ୍ୱାସ ରହିଛି, ଯେ ଚାଷ ଜମିରେ ଯଦି ହରିୟାଲି ତିହାର୍ ବା ପର୍ବ ଦିନ ଭାଲିଆ (ଭେଲୁଆଁ) ଡାଳ ଖଞ୍ଜି ଦିଅନ୍ତି, ତେବେ ଧାନ ଗଛ, ବିରି, ମୁଗ,ବାଜରା, ମକା, ମାଣ୍ଡିଆ, ଚିନାବାଦାମ ଓ କପା ଇତ୍ୟାଦି ଚାଷରେ ପୋକ ଓ ଅନ୍ୟାନ୍ୟ ରୋଗ ହୋଇ ନଥାନ୍ତି । ଏହି ଦିନ ଲଙ୍ଗଳକୁ ଧୋଇ ଦେଇ ଘରକୁ ଆଣି ପୂଜା କରିଥାନ୍ତି । ଏହା ବର୍ଷକୁ ଥରେ ପାଳନ କରିଥାନ୍ତି ।

ନୂଆଁଖାଇ ତିହାର୍: ନୂଆଁଖାଇ ତିହାର ବିଂଝାଲ ଜନଜାତିଙ୍କ ଏବଂ ପଶ୍ଚିମ ଓଡ଼ିଶାର ଏକ କୃଷି ଭିତ୍ତିକ ଗଣ ପର୍ବ ଅଟେ । ଆଦିବାସୀ, ହରିଜନ, ଗିରିଜନ, ସାହୁକାର, ଜମିଦାର ତଥା ସମସ୍ତଙ୍କର ଏହା ଏକ ମୁଖ୍ୟ ପର୍ବ ଅଟେ । ନୂଆଁଖାଇ ପର୍ବ ଭାଦ୍ରବ ମାସର ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ପାଳନ କରାଯାଏ । ଏହି ଦିନ ଜମିରୁ ନୂଆ ଧାନ ଆଣି ନୂଆ ହାଣ୍ଡିରେ ଭାଜି ନୂଆ ଚୂଡ଼ା କିମ୍ବା ନୂଆ କୁଣ୍ଡା ପ୍ରସ୍ତୁତ କରି ନିଜ ନିଜର ଇଷ୍ଟ ଦେବଦେବୀ ଓ ପୂର୍ବ ପୁରୁଷ (ଡୁମା)ଙ୍କୁ ନୂଆ ଭୋଗ ଅର୍ପଣ କରିଥାନ୍ତି । ସମସ୍ତଙ୍କ ପାଇଁ ଗୋଟିଏ ଗୋଟିଏ କୁରେ ପତ୍ର କିମ୍ବା ଭାଲିଆ ପତ୍ରରେ ନୂଆ ଅନ୍ନ ବଢାଯାଏ । ସମସ୍ତେ ଏକାଠି ବସି ଦେବଦେବୀଙ୍କ ନାମ ସ୍ମରଣ କରି ନୂଆ ଭୋଗ ଓ ନୂଆ ଅନ୍ନ ସେବନ କରିଥାନ୍ତି । ଏହି ପର୍ବରେ ବିଭିନ୍ନ ପ୍ରକାର ପିଠାପଣା ଓ ତରକାରୀ ପ୍ରସ୍ତୁତ କରିଥାନ୍ତି । ଏହି ନୂଆ ଭୋଗ ଓ ଅନ୍ନକୁ ପ୍ରତୀୟକ ଜାତିର ବା ବର୍ଗର ଲୋକ କୁରେ ପତ୍ରରେ ଖାଇଥାନ୍ତି । ଖାଇ ସାରିବା ପରେ ପରିବାରର ସମାସତ୍ୟ ବଡ ବଡ ବ୍ୟକ୍ତି ମାନଙ୍କୁ ଓ ଗ୍ରାମର ବେଅଜୀଅଷ୍ଟ ବ୍ୟକ୍ତି ତଥା ନିଜର ବନ୍ଧୁ ବାନ୍ଧବ ଲୋକ ମାନଙ୍କୁ ଭେଟି ପରସ୍ପର ମଧ୍ୟରେ ଜୁହାର ଭେଟ ହୋଇଥାନ୍ତି । ନୂଆଖାଇ ପର୍ବ ଦିନ ଯିଏ ଯେଉଁଠି ଥାଉନା କାହିଁକି ଏହି ପର୍ବ ଦିନ ସମସ୍ତେ ଏକତ୍ରିତ ହୋଇଥାନ୍ତି । ଭାଇ ଭାଇ ମଧ୍ୟରେ ଶତ୍ରୁତା ଥିଲେ ମଧ୍ୟ ଏହି ଦିନ ସମସ୍ତେ ଏକତ୍ରିତ ହୋଇ ମିଳିତ ଭାବରେ ପର୍ବଟିକୁ ମହା ଅନନନ୍ଦ ଉଲ୍ଲାସରେ ପାଳନ କରିଥାନ୍ତି । ଏହି ପର୍ବରେ ଭାଇଚାରା ସୃଷ୍ଟି ହେବାର ଏକ ମହାମିଳନ । ଏହି ଦିନ ସମସ୍ତେ ନୂତନ ପୋଷାକ ପରିଧାନ କରିଥାନ୍ତି । ନୂଆଁଖାଇରେ ସମସ୍ତଙ୍କ ଘରେ ପିଠା, ଖିରି କରାଯାଏ । ସମସ୍ତେ ନିଜ ନିଜର ବନ୍ଧୁ ବାନ୍ଧବ ଘରକୁ ପିଠା, ଖିରୀ ଓ ଭୋଗ ପଠାଇଥାନ୍ତି । ତା ପରଦିନ ବାସୀ ପାଳନ କରନ୍ତି । ବାସୀ ଦିନ ଗ୍ରାମରେ ଛେଳି,ମେଣ୍ଢା ଓ କୁକୁଡ଼ା କଟାଯାଏ । ସମସ୍ତଙ୍କ ଘରେ ମାଂସ ହୋଇଥାଏ ଓ ମଦ୍ୟପାନ କରିଥାନ୍ତି । ଏହି ଦୁଇ ଦିନ ସମସ୍ତଙ୍କ ମହାନନ୍ଦରେ କଟିଯାଏ ।(ସାକ୍ଷାତକାର- ତୁଳସୀ ରାମ ବରିହା, ଗୁଣ୍ଡୁରୁଝର, ନୂଆପଡ଼ା)

### (ଖ) କର୍ମ କର୍ମାଣି

ବିଂଝାଲ ଜନଜାତିରେ ସାମାଜିକ କର୍ମ କର୍ମାଣି ଯଥା- ଜନ୍ମୋତ୍ସବ, ନାମକରଣ, ବାଳକଟା, ରଜଃପ୍ରାପ୍ତି, ବିବାହ ଓ ଶୁଦ୍ଧିକ୍ରିୟା ଇତ୍ୟାଦି ପାଳିତ କରିଥାନ୍ତି । ନିଜର ସାମାଜିକ ବ୍ୟବସ୍ଥା ଭିତରେ ଏହି ସବୁ କର୍ମ କର୍ମାଣି ସେମାନେ ମାନିବାକୁ ବାଧ ହୋଇଥାନ୍ତି । ବିଂଝାଲମାନେ ବିଶ୍ୱାସହ କରନ୍ତି ଯେ, ସେମାନଙ୍କର ଜୀବନଶୈଳୀ, ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ, ଇଷ୍ଟ ଓ ଅନିଷ୍ଟକାରୀ ଦେବଦେବୀ ଓ ପିତୃପୁରୁଷଙ୍କ ଦ୍ୱାରା ପରିଚାଳିତ ହୋଇଥାନ୍ତି । ତେଣୁ ଯଦି ଏହି ଇଷ୍ଟ ଓ ଅନିଷ୍ଟକାରୀ ଦେବଦେବୀଙ୍କୁ ବିଭିନ୍ନ ସମୟରେ ବିଭିନ୍ନ ପ୍ରକାରର କର୍ମ କର୍ମାଣି ଅନୁଷ୍ଠାନ ପୂର୍ବକ ସନ୍ତୁଷ୍ଟ ନ କରନ୍ତି ତାହେଲେ ସେମାନଙ୍କ ଜୀବନ କାଳ ମଧ୍ୟରେ ଦେବଦେବୀମାନେ ତାଙ୍କ ପ୍ରତି ପ୍ରତିକୁଳ ହୋଇଥାନ୍ତି। ବିଂଝାଲ ମାନଙ୍କର ବିଶ୍ୱାସ ଯେ, ଜଣେ ଜନ୍ମଲାଭ କରିବା ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଏ ସମସ୍ତ କର୍ମ କେବଳ ଦେବଦେବୀଙ୍କ ଆରାଧନା ଦ୍ୱାରା ସମ୍ଭବ ହୋଇଥାଏ।

ଜନ୍ମୋତ୍ସବ: ବିଂଝାଲ ଜନଜାତିଙ୍କ ଜୀବନ କାଳ ମଧ୍ୟରେ ସେମାନେ ଅନେକ ସଂସ୍କାର ମୂଳକ କାର୍ଯ୍ୟ କରିଥାନ୍ତି । ସେମାନଙ୍କ ମୁଖ୍ୟ ସଂସ୍କାର ଗୁଡ଼ିକ ହେଲା ଜନ୍ମ ସଂସ୍କାର, ବିବାହ ସଂସ୍କାର ତଥା ମୃତ୍ୟୁ ସଂସ୍କାର। ବର୍ତ୍ତମାନ ସେହି ସଂସ୍କାର ଗୁଡ଼ିକୁ ପର୍ଯ୍ୟାୟକ୍ରମେ ଆଲୋଚନା କରାଯାଇଛି ।

ଜନ୍ମ ସଂସ୍କାର: ଶିଶୁ ମାତା ଗର୍ଭରେ ଥାଇ, ତାପରେ ଜନ୍ମ ହୁଏ । ଶିଶୁ ଭୂମିଷ୍ଠ ହେବା ପରଠୁ ଶିଶୁ ପାଇଁ ଯେଉଁ କ୍ରିୟା କର୍ମ ଓ ଅନୁଷ୍ଠାନ ମାନ କରାଯାଏ ତାହାକୁ ଜନ୍ମ ସଂସ୍କାର କୁହାଯାଏ । ଶିଶୁର ଜନ୍ମ ପୁରୁଷର ପୌରୁଷ ଓ ନାରୀର ନାରୀତ୍ୱକୁ ସାର୍ଥକ କରିଥାଏ । ବିବାହ ପରେ ସନ୍ତାନ ଲାଭ କରିବା ନିମନ୍ତେ ପ୍ରତ୍ୟେକ ବିଂଝାଲ ଦମ୍ପତି ଇଚ୍ଛୁକ ହୋଇଥାନ୍ତି । ଏମାନେ ଗର୍ଭଧାରଣକୁ 'ପେଟେ ଏହେ' କହିଥାନ୍ତି । ସନ୍ତାନ ସନ୍ତତି ଜନ୍ମ ନେବାପରେ ବିଂଝାଲ ଦମ୍ପତି ବୁଆ, ମା (ବାପା, ମା) ଡାକ ଶୁଣିବାକୁ ଗୌରବ ମନେ କରିଥାନ୍ତି । ଶିଶୁ ସନ୍ତାନଟିଏ ଜନ୍ମ ହେବା ପିତୃ ପୁରୁଷଙ୍କ ଆଶୀର୍ବାଦ ବୋଲି ସେମାନେ ଧରି ନେଇଥାନ୍ତି । ପୁଅ କିମ୍ବା ଝିଅ ଯାହା ହେଉ ଏଥିରେ ସେମାନେ ଗୁରୁତ୍ୱ ଦେଇନଥାନ୍ତି । ସନ୍ତାନଲାଭ ଭଗବାନଙ୍କ ଇଚ୍ଛା ଓ ଦୟାରୁ ସମ୍ଭବ ବୋଲି ସେମାନେ ବିଚାର କରିଥାନ୍ତି। ଅନ୍ୟପକ୍ଷରେ ଯଦି ବିବାହର ଦୁଇ ତିନି ବର୍ଷ ପର୍ଯ୍ୟନ୍ତ ସ୍ତ୍ରୀ କୌଣସି ସନ୍ତାନର ଜନନୀ ହୋଇ ନପାରେ ତେବେ ସେ ଲୋକଙ୍କ ନଜରରେ ତଥା ସମାଜରେ ନିନ୍ଦାର ପାତ୍ରୀ ହୋଇଥାନ୍ତି । ବିଶେଷତଃ ତାର ନିଜ ସ୍ୱାମୀ ଓ ନିଜ ବଂଶର ଲୋକମାନେ ଏ ଘଟଣାରେ ତାକୁ ଭଲ ପାଇ ନଥାନ୍ତି । ଏହାର ପ୍ରତିକାର ପାଇଁ ତାର ସ୍ୱାମୀ ବଇଦଙ୍କ ପରାମର୍ଶ ନେଇଥାଆନ୍ତି । ଏ ସବୁ ସତ୍ତ୍ୱେ ଯଦି ସେ ପିଲା ଜନ୍ମ ଦେବାରେ ଅକୃତ କାର୍ଯ୍ୟ ହୁଏ, ତେବେ ସ୍ତ୍ରୀଟି ବାଂଝ ବା ସନ୍ତାନ ପ୍ରୟୋଜନ କ୍ଷମ ନୁହନ୍ତି ବୋଲି ସନ୍ଦେହ କରିଥାନ୍ତି । ଗୋଟିଏ ଶିଶୁ ସନ୍ତାନ ପାଇବା ପାଇଁ ବିଂଝାଲ ଦମ୍ପତି ବେଳେବେଳେ ବିଭିନ୍ନ ଦେବଦେବୀଙ୍କ ଠାରେ ମାନସିକ କରିଥାନ୍ତି । ପୁଅଟିଏ ବା ଝିଅଟିଏ ଜନ୍ମ ହେଲେ କିଏ ଡାଲଖାଇ ବାଜା ତିନି ବର୍ଷ ଦେବାପାଇଁ ମାନସିକ କରେ ତ କିଏ ଗ୍ରାମ ଦେବଦେବୀଙ୍କୁ ଛେଳି ବା ବୋଦା ଦେବାକୁ ମାନସିକ କରିଥାନ୍ତି ।

ବିଂଝାଲ ଜନଜାତିରେ ଯାହା ଘରେ ପୁଅ ବା ଝିଅ ଜନ୍ମ ହେବାର ଥିଲେ, ଗାଁର ଦୁଇଜଣ ସିଆନ୍(ବୟୋଜ୍ୟୋଷ୍ଠ) ବୁଢ଼ିମାକୁ ଡାକିଥାନ୍ତି । ସେହି ଦୁଇଜଣ ସିଆନ୍ ବୁଢ଼ିମା ଗର୍ଭବତୀ ସ୍ତ୍ରୀର ପ୍ରସାବ କରାନ୍ତି ଓ ଜନ୍ମିତ ଶିଶୁର ସେବା ଯତ୍ନ କରାନ୍ତି । ଗୋଟିଏ ବାଉଁଶ ପାତିଆ ଦ୍ୱାରା ଜନ୍ମିତ ଶିଶୁର ନାଭି କାଟିଥାନ୍ତି । ଜନ୍ମିତ ଶିଶୁ କୌଣସି କାରଣରୁ ମା' କ୍ଷୀର ନ ଖାଇଲେ କିମ୍ବା ଆଖି ନ ଖୋଲିଲେ ଘରର ମୁଖ୍ୟା ପୂଜାପାଠ କରି ନିଜର ପୂର୍ବପୁରୁଷ 'ଡୁମା'କୁ ଆବାହନ କରିଥାନ୍ତି । ଡୁମା ଆବାହନ କରି କିଏ ପୂର୍ବପୁରୁଷ ଜନ୍ମ ହୋଇ ଆସିଛି ତାହା ଜାଣି ପାରିଥାନ୍ତି । ପୂର୍ବପୁରୁଷଙ୍କ ଦେହର କୌଣସି ଚିହ୍ନ ଶିଶୁର ଦେହରେ ଥିଲେ ସେହି ପୂର୍ବପୁରୁଷ ଜନ୍ମ ହୋଇ ଆସିଛନ୍ତି ବୋଲି ବିଶ୍ୱାସ କରିଥାନ୍ତି । ପୂର୍ବପୁରୁଷଙ୍କୁ ଯେଉଭଳି ବ୍ୟବହାର କରାଯାଉଥିଲା ଜନ୍ମିତ ଶିଶୁଙ୍କୁ ମଧ୍ୟ ସେହିପରି ବ୍ୟବହାର କରିଥାନ୍ତି । ତା ପରେ ଶିଶୁ ମା' କ୍ଷୀର ଖାଇଥାଏ କିମ୍ବା ନିଜର ଆଖି ଖୋଲିଥାଏ । ପୂର୍ବପୁରୁଷ ମଧ୍ୟରୁ ଜନ୍ମିଥିବା ଲୋକ ସମ୍ମାନିତ ହେଲା ବୋଲି ଏଥିରୁ ଜଣାପଡ଼େ ।

୬ (ଛଅ) ଦିନରେ ଷଠୀ (ଷଷ୍ଠୀ) ପୂଜା କରିଥାନ୍ତି । ଷଠୀ ପୂଜା ପୂର୍ବରୁ ଶିଶୁର ନାଭି (ବୌଁଡ଼କି) ପଡ଼ିଯାଇଥାଏ । ଷଠୀ ପୂଜା ଦିନ ମାମୁଁ ସମ୍ପର୍କୀୟ ଶିଶୁର ବାଳକୁ କାଟି ଲଣ୍ଡା କରିଥାନ୍ତି । ସମାଜର କେବଳ ସ୍ତ୍ରୀ ଲୋକମାନଙ୍କୁ ନିମନ୍ତ୍ରଣ କରିଥାନ୍ତି । ସ୍ତ୍ରୀ ଲୋକମାନେ ଆସି ପୂଜା ବିଧି ପ୍ରସ୍ତୁତ କରିଥାନ୍ତି । ନିଜ ସମାଜର ଅନ୍ୟ ବନ୍ଧୁବାନ୍ଧବ ସ୍ତ୍ରୀ ଲୋକ ୨ ଜଣ ଆସି ରୋଷେଇ କରିଥାନ୍ତି । ସମସ୍ତେ ମା ଓ ଶିଶୁକୁ ବନ୍ଦାପନା କରିଥାନ୍ତି ଏବଂ ଟଙ୍କା କିମ୍ବା ସାବୁନ ଉପହାର ଦେଇଥାନ୍ତି । ଏହାପରେ ସମସ୍ତେ ସ୍ତ୍ରୀ ଲୋକମାମାନେ ମିଳିମିଶି ଅନ୍ନ ସେବନ କରିଥାନ୍ତି । ଏହାକୁ 'ଷଠୀ ଭାତ୍' କହିଥାନ୍ତି । ଶେଷରେ ସମସ୍ତ ସ୍ତ୍ରୀ ଲୋକମାନେ ଷଠୀ ଅନ୍ନ ସେବନ କରି ଘରକୁ ଫେରିଥାନ୍ତି । ଷଠୀ ଭୋଜି ଭାତ ପୁରୁଷମାନେ ଖାଇ ନଥାନ୍ତି ।

ବିଂଝାଲ ଜନଜାତିରେ ଏକଶିଆ (ଏକୋଇଶିଆ) କିମ୍ବା ନାମକରଣ ୨୧ ଦିନରେ କରିଥାନ୍ତି । ଅଧିକାଂଶ ଲୋକ ଏକୋଇଶିଆ କିମ୍ବା ନାମକରଣ ଉତ୍ସବ ପାଳନ କରିନଥାନ୍ତି । ପ୍ରଥମେ ଜଣେ ଖଡ଼ିକାର୍ (ଜ୍ୟୋତିଷ) ପାଖକୁ ଚାଉଳ ଧରି ଯାଇଥାନ୍ତି । ସେଠାରେ ଖଡ଼ିକାର୍ ଶିଶୁର ଜନ୍ମ ଦିନ ଓ ତିଥି ଅନୁସାରେ ଅକ୍ଷର ବାହାର କରିଥାନ୍ତି ଏବଂ ସେହି ଅକ୍ଷର ଅନୁସାରେ ଶିଶୁର ନାମକରଣ କରିଥାନ୍ତି । କେହି କେହି ପୂର୍ବପୁରୁଷ ବା ଡୁମାର ଜନ୍ମ ଅନୁସାରେ ନାମକରଣ କରିଥାନ୍ତି । (ସାକ୍ଷାତକାର- ସୁକସିଂ ବରିହା, ସରେଇପାଲି, ନୂଆପଡ଼ା)

କଣାବରା: କଣାବରା ଏକ ପ୍ରାକ୍-ବିବାହ ପରମ୍ପରା। ଏହା ଝିଅର ପ୍ରଥମ ଋତୁ ଦର୍ଶନ ପୂର୍ବରୁ ସମ୍ପାଦିତ କରିଥାନ୍ତି । କଣାବର ପାଇଁ ବିବାହ ଅନୁରୂପ 'ମଡୁଆ'(ମଣ୍ଡପ) ବା ଡାଳ ପତ୍ରରେ ଏକ ଛାଉଣି ତିଆରି କରିଥାନ୍ତି । ଏହି 'ମଡୁଆ' ମଝି ସ୍ଥାନରେ ମହୁଲ ଡାଳ ବା 'ଯୋଗ୍ ଖୁଁଟା' (ଶୁଭ ଖୁଣ୍ଟ) ପୋତିଥାନ୍ତି । କଣାବରା କରାଯିବା ପୂର୍ବରୁ ଝିଅର ବାପା ଯୋଗ ତିଥି ଦେଖି ନିଜର ବନ୍ଧୁବାନ୍ଧବ ଲୋକମାନଙ୍କୁ ନିଜ ଘରକୁ ନିମନ୍ତ୍ରଣ କରିଥାନ୍ତି । ଯୋଗର ଗୋଟିଏ ଦିନ ପୂର୍ବରୁ ଝିଅର ବାପା ନିଜର ଗ୍ରାମରେ

ଥିବା ବନ୍ଧୁମାନଙ୍କୁ ଘରକୁ ଡାକିଥାନ୍ତି ଏବଂ ନିଜ ଝିଅର କଣାବରା କରିବା ବିଷୟରେ କହିଥାନ୍ତି। ସମସ୍ତେ ମିଶି 'ମଡୁଆ' ଓ ରୋଷେଇ ଶାଳ ପାଇଁ ଜାମୁ ଡାଳ ଆଣିଥାନ୍ତି ଏବଂ 'ମଡୁଆ' ଓ 'ଖନ୍ଦାଶାଳ' ତିଆରି କରିଥାନ୍ତି ।

ତା'ପରେ ଗ୍ରାମର ଝାଁକର ଓ ସ୍ତ୍ରୀ ଲୋକମାନେ ମିଶି ଗ୍ରାମ ଦେବୀଙ୍କ ଗୁଡ଼ି(ମନ୍ଦିର) ଯାଇଥାନ୍ତି । ଗୁଡ଼ିକୁ ଯିବା ସମୟୟରେ କଣାବରା କରାଯିବା ଝିଅର ମା ମୁଣ୍ଡରେ ନୂଆଁ ବାଉଁଶ ପରିଲିରେ ତେଲ, ହଳଦୀ, ଚାଉଳ, ପିଠା, ଧୂପ, ଦୀପ ପ୍ରଭୃତି ଧରି ଯାଇଥାନ୍ତି । ସ୍ୱତନ୍ତ୍ର ବାଦ୍ୟକାରମାନେ ଏମାଙ୍କ ସହିତ ନିସାନ, ଢ଼ୋଲ, ତାସା, ମହୁରୀ ବଜାଇ ଗୁଡ଼ିକୁ ଯାଇଥାନ୍ତି । ଗୁଡ଼ିରେ ଝାଁକର ଦେବୀକୁ ପୂଜାପାଠ କରି ତେଲ ହଳଦୀ ଲଗାଇଥାନ୍ତି ଏବଂ ଆଣିଥିବା ଚାଉଳ, ଦୀପ, ଧୂପ, ପିଠାକୁ ଭୋଗ ଦେଇଥାନ୍ତି । ତାପରେ ଦେବୀଙ୍କୁ ଲଗାଯାଇଥିବା ତେଲ ହଳଦୀରୁ ଅଳ୍ପ ଧରି ଘରକୁ ଫେରିଥାନ୍ତି । ଘରେ ଥିବା ତେଲ ହଳଦୀ ସହିତ ଗ୍ରାମ ଦେବୀ ଗୁଡ଼ିରୁ ଆଣିଥିବା ତେଲ ହଳଦୀକୁ ମିଶେଇଥାନ୍ତି । କଣାବରା ହେଉଥିବା ଝିଅକୁ ସ୍ତ୍ରୀ ଲୋକମାନେ ନୂଆଁ ବସ୍ତ୍ର ପିନ୍ଧେଇଥାନ୍ତି । ମଡୁଆରେ ଝିଅର ମା କିମ୍ବା ମା ସମ୍ମାନ ହେଉଥିବା ଖୁଡ଼ୀ(କାକୀ), ପିଉସୀ(ନନା), ଭାଉଜ(ବହୁ) ଝିଅକୁ ନିଜର କୋଳରେ ବସେଇଥାନ୍ତି । ଝାଁକର ମଡୁଆରେ ଶାଳରେ କଣାବରା ହେଉଥିବା ଝିଅକୁ ତିନୋଟି ଆମ୍ବ ପତ୍ର ତିଆରି ମୁକୁଟ ପିନ୍ଧେଇଥାନ୍ତି । ମୁକୁଟାକୁ ଗୋଟିଏ ବାଉଁଶ ପରଲିରେ ତା ସହିତ ଦୀପ ଧୂପ ରଖି କଣାବରା ହେଉଥିବା ଝିଅର ମୁଣ୍ଡରୁ ପାଦ ଯାଏ ସାତ ଥର ଓହ୍ଲାଇ ଥାଆନ୍ତି । ତାପରେ ଝିଅର ମୁଣ୍ଡରେ ମୁକୁଟ ବାନ୍ଧିଥାନ୍ତି । ଏହି କାମ ଗ୍ରାମର ଝାଁକର କରିଥାନ୍ତି । ସମାଜର ଦୁଇ ରୁ ତିନି ଜଣ ସ୍ତର ଲୋକ ସହିତ ଝିଅ ହାତ ଅଞ୍ଜୁଳା କରି ହାତରେ ଚାଉଳ ଧରି ମଡୁଆ ଶାଳରେ ଛିଡା ହୋଇଥାନ୍ତି । ତାପରେ ଝିଅକୁ ମଡୁଆ ମଝିରେ ମହୁଲ ଖୁଣ୍ଟ ଚାରିପଟେ ସାତ ଥର ପରିକ୍ରମା କରିଥାନ୍ତି ଏବଂ ପରେ ମା କୋଳରେ ବସେଇଥାନ୍ତି। ପରେ ପାଞ୍ଚରୁ ସାତ ଜଣ ସ୍ତ୍ରୀ ଲୋକମାନେ ଜଣେ ପରେ ଜଣେ ଝିଅକୁ ଆମ୍ବ ପତ୍ର ଦ୍ୱାରା ତେଲ ହଳଦୀ ଲଗାଇ ଗନସନ କରିଥାନ୍ତି । ସମସ୍ତେ ଗନସନ କରିବା ଯାଏଁ ଝିଅଟି ମା କୋଳରେ ବସିଥାନ୍ତି । ତାପରେ ସମସ୍ତେ ମିଶି ବାଦ୍ୟ ବଜାଇ ଝିଅକୁ ନେଇ ଗାଁର ଶେଷ ମୁଣ୍ଡକୁ ଯାଇଥାନ୍ତି । କଣାବରା ହେଉଥିବା ଝିଅକୁ ସ୍ତ୍ରୀ ଲୋକମାନେଏ ବନ୍ଦାପନା କରିଥାନ୍ତି । ପ୍ରଥମେ ମଡୁଆ ଶାଳରେ ଥିବା ମହୁଲ ଖୁଣ୍ଟକୁ ବନ୍ଦାନ୍ତି ଓ ପରେ ଝିଅକୁ ବନ୍ଦାନ୍ତି ।

ମା କିମ୍ବା ମା ସମ୍ମାନ ହେଉଥିବା ଖୁଡ଼ୀ (କାକୀ), ପିଉସୀ (ନନା), ଭାଉଜ (ବୋହୂ) ମୁଣ୍ଡରେ ପାଣି କଳସୀ ଉପରେ ପତ୍ର ଦନାରେ ଦୀପ ଧରି ଝିଅର ଚତୁଃପାର୍ଶ୍ୱକୁ ପରିକ୍ରମା କରି ଗାଲ ଜୁଇଥାନ୍ତି ଓ ସେଠାରେ ବୁଲି ଆସି ଝିଅର ସାମନାରେ ଛିଡ଼ା ହୋଇଥାନ୍ତି ଏବଂ ଝିଅର ମୁହଁ ପାଖରେ ଦୀପକୁ ବୁଲେଇଥାନ୍ତି । ତାପରେ ଆମ୍ବ ପତ୍ରକୁ ଝିଅର ଗାଲରେ ଜୁଇଥାନ୍ତି । ପରେ ଖୁଡ଼ୀ, ପିଉସୀ, ଭାଉଜ ଜୁଇଥାନ୍ତି । ଏହି ସବୁ ରୀତିନୀତି ସରିବା ପରେ ସମସ୍ତେ ମିଶି ବାଜା ବଜାଇ ଝିଅ ଏବଂ ମହୁଲ ଡାଳକୁ ଧରି ନଈ ବା ପୋଖରୀକୁ ଗାଇଧଅଇବାକୁ ଯାଇଥାନ୍ତି । ଏହି ସମୟରେ ସମସ୍ତ ସ୍ତ୍ରୀ ଓ ପୁରୁଷମାନେ ବାଜାର ତାଳେ ତାଳେ ନାଚି ଯାଇଥାନ୍ତି । ସେଠାରେ ମହୁଲ ଡାଳକୁ ନଈ ବା ପୋଖରୀରେ ବିସର୍ଜନ କରି ଦେଇଥାନ୍ତି । ତାପରେ ସମସ୍ତେ ଗାଧୋଇ ଘରକୁ ଫେରିଥାନ୍ତି । କଣାବରା ହେଉଥିବା ଝିଅର ପିତା ସମସ୍ତଙ୍କୁ ଦୁଇ ଓଳି ଖାଇବାକୁ ଦେଇଥାନ୍ତି । ଏହି ଭୋଜିରେ ଆମିଷ କିମ୍ବା ନିରାମିଷ ଭୋଜନ କରିଥାନ୍ତି । ବିଂଝାଲ ଜନଜାତିଙ୍କର ସମସ୍ତ ଝିଅମାନଙ୍କ ଆଠ ଦଶ ବର୍ଷ ବୟସରେ କଣାବରା ଉତ୍ସବ ପାଳନ କରିଥାନ୍ତି । ଓଡ଼ିଶା ବ୍ୟତୀତ ଅନ୍ୟାନ୍ୟ ରାଜ୍ୟରେ ବସବାସ କରୁଥିବା ବିଂଝାଲ ଜନଜାତିଙ୍କ ନିକଟରେ କଣାବରା ପରମ୍ପରା ଦେଖିବାକୁ ମିଳେ ନାହିଁ । କେବଳ ଓଡ଼ିଶାରେ  ବସବାସ କରୁଥିବା ବିଂଝାଲ ଜନଜାତିଙ୍କର ଏହି ପ୍ରଥା ପ୍ରଚଳିତ ହୋଇ ଆସୁଅଛି। (ସାକ୍ଷାତକାର-ବାବୁଲାଲ୍ ବରିହା, ଖଲିଆ ପାଣି, ନୂଆପଡ଼ା)

ଝିଅ ପୁଷ୍ପବତୀ ହେବା ସଂସ୍କାର: ବିଂଝାଲ ଜନଜାତିରେ ଝିଅଟିଏ ପୁଷ୍ପବତୀ ହେଲେ ତାକୁ ଗୋଟିଏ କୋଠରୀରେ ବସାଇ ଦେଇଥାନ୍ତି । ତାକୁ ଯେମିତି କୌଣସି ପୁରୁଷ ଲୋକ ଦେଖିବେ ନାହିଁ । ପାଞ୍ଚ କିମ୍ବା ସାତ ଦିନ ଅଶୁଦ୍ଧ କାଳ ହୋଇଥାଏ । ଘରେ କେହି ପୁରୁଷ ଲୋକ ନଥିବା ବେଳେ ପୁଷ୍ପବତୀ ଝିଅ ବାହାରକୁ ଝାଡ଼ା ପରିଶ୍ରା ପାଇଁ ଯାଇଥାନ୍ତି । ପାଞ୍ଚ କିମ୍ବା ସାତ ଦିନ ପରେ ମା' କିମ୍ବା ଗ୍ରାମର କୌଣସି ବୁଢ଼ି ମା'ଙ୍କ ସହ ଭୋର ସକାଳରୁ ଉଠି ପୋଖରୀକୁ ଗାଧୋଇବାକୁ ଯାଇଥାନ୍ତି । ପାଞ୍ଚ ଦିନ କିମ୍ବା ସାତ ଦିନ ମଧରେ ପୋଷାକ, ଚୁଡ଼ି ପ୍ରଭୃତି ଯାହା ବ୍ୟବାହାର କରିଥାନ୍ତି, ତାହା ସବୁକୁ ପାଣିରେ ବିସର୍ଜନ କରି ଦେଇଥାନ୍ତି । ଘରକୁ ଆସି ନୂଆଁ ବସ୍ତ୍ର, ଚୁଡ଼ି ଆଦି ପରିଧାନ କରିଥାଆନ୍ତି । ପିତାମାତା ଜାତି ସମାଜର ସମସ୍ତଙ୍କ ପାଇଁ ଏକ ଭୋଜି ଆୟୋଜନ କରିଥାନ୍ତି । ଏହି ଭୋଜିରେ କେବଳ ସ୍ତ୍ରୀ ଲୋକମାନେ ଅଂଶଗ୍ରହଣ କରିଥାନ୍ତି ।

## (ଗ) ବିବାହ ପ୍ରଥା

ବିବାହ ହେଉଛି ବିଂଝାଲ ଜନଜାତିଙ୍କର ଏକ ପବିତ୍ର ବନ୍ଧନ । ବିଂଝାଲ ଜନଜାତିରେ ବିବାହକୁ 'ବିହା' ବୋଲି କହିଥାନ୍ତି ।  ସାଧାରଣତଃ ଏହି ଜନଜାତିରେ ପୁଅର ବୟସ ୨୧ ଓ ଝିଅର ବୟସ ୧୮କୁ ବିବାହପାଇଁ ଯୋଗ୍ୟ ବୟସ ବୋଲି ଧରିଥାନ୍ତି । ପୁଅର ବିବାହ ବୟସ ଯୋଗ୍ୟ ହେଲା ପରେ ପିତା ନିଜ ସମାଜର ଜଣେ କିମ୍ବା ଦୁଇଜଣ ବନ୍ଧୁ ଲୋକଙ୍କୁ ଧରି ନିଜ ପୁଅ ପାଇଁ ବୋହୋ (ବୋହୂ) ଖୋଜିବା ପାଇଁ ଯାଇଥାନ୍ତି । ଚିହ୍ନା କିମ୍ବା ଅଚିହ୍ନା ଘରକୁ ଗଲେ ସେଠାରେ ବନ୍ଧୁଘର ଲୋକ ସମ୍ମାନର ସହିତ ମୁଣ୍ଡିଆ ମାରି ଗୋଡ଼ ଧୋଇବା ପାଇଁ ଲୋଟିଆ (ଲୋଟା)ରେ ପାଣି ଦେଇଥାନ୍ତି । ତା'ପରେ ବସିବାକୁ ଆସନ ଖଟ କିମ୍ବା ଚୌକି ଦେଇଥାନ୍ତି । ପରେ ସେମାନଙ୍କୁ ଚା, ଜଳଖିଆ ଦେଇଥାନ୍ତି । ଜଳଖିଆ ଖାଇ ସାରିବା ପରେ ଉଭୟଙ୍କ ମଧରେ ନିଜ ନିଜର ପରିଚୟ ସହିତ ଦୁଃଖସୁଖ, ଭଲମନ୍ଦ ପ୍ରଭୃତି ବାର୍ତ୍ତାଳାପ କରିଥାନ୍ତି । ଏହି ବାର୍ତ୍ତାଳାପ ମଧରେ ପୁଅର ପିତା ବୋହୋ (ବୋହୂ) ଖୋଜିବାକୁ ଆସିବାର କାରଣ କହିଥାନ୍ତି । ଝିଅର ପିତା କହିଥାନ୍ତି- ଯଦି ପୁଅ ଓ ଝିଅର ମନ ପସନ୍ଦ ହୁଏ, ତା' ହେଲେ ବିବାହ ନିଶ୍ଚିତ ହେବ । କାରଣ ସେମାନେ ନିଜେ ହିଁ ନିଜର ମନ ପସନ୍ଦର ଜୀବନ ସାଥିଟିଏ ବାଛିବେ । ଯଦି କନ୍ୟାପିତାର ନିଜ ଝିଅକୁ ଦେବା ପାଇଁ ଇଚ୍ଛା ପ୍ରକାଶ କରିଥାନ୍ତି, ତେବେ ଅନ୍ୟଦିନ ପୁଅକୁ ଆସିବା ପାଇଁ କହିଥାନ୍ତି । ପୁଅ ନିଜ ସମାଜର ଜଣେ ବନ୍ଧୁଲୋକଙ୍କ ସହିତ ଝିଅ ଦେଖିବାକୁ ଯାଇଥାନ୍ତି । ସେଠାରେ ପୁଅ ଓ ଝିଅ ଦୁହିଁଙ୍କ ମଧରେ ଦେଖା ସାକ୍ଷାତ ମନ ପସନ୍ଦ ହୋଇଥାନ୍ତି । ଯଦି ଦୁହିଁଙ୍କ ମଧରେ ମନ ପସନ୍ଦ ହୁଏ, ତା' ହେଲେ ବର ଘର ଜଣେ ବା ଦୁଇ ଜଣ ନିଜ ସମାଜର ବନ୍ଧୁଲୋକଙ୍କୁ

ନେଇ କନ୍ୟା ପିତାଙ୍କ ଘରକୁ ଯାଇଥାନ୍ତି । ଉକ୍ତ ଦିନ କନ୍ୟାପିତା ତାଙ୍କ ସମାଜର ଦୁଇଚାରି ଜଣ ବୟୋଜ୍ୟୋଷ୍ଠ ଡାକିଥାନ୍ତି ଏବଂ ବରପକ୍ଷ ଲୋକଙ୍କୁ ନିଜ ଝିଅର ଜନ୍ମପତ୍ର ବା ଜାତକ ଦେଇଥାନ୍ତି । ଉକ୍ତ ଜାତକ ଧରି ବରର ପିତା ନିଜ ଗ୍ରାମକୁ ଆସି ତାଙ୍କ ପୁଅର ଜାତକ ମିଳାଇଥାନ୍ତି। ଏହାକୁ 'ଖରି ଦେଖା' ବୋଲି କହିଥାନ୍ତି। ଯଦି ଉଭୟଙ୍କ ଶୁଭାଶୁଭ ହୋଇନଥାଏ, ତା' ହେଲେ ବରପିତା ତାଙ୍କର ଜଣେ ବନ୍ଧୁଙ୍କୁ ଡାକି କନ୍ୟାର ଜାତକକୁ ତାଙ୍କ ହାତରେ କନ୍ୟାପିତାଙ୍କ ପାଖକୁ ଖବର ପଠାଇ ଦେଇଥାନ୍ତି । ଯଦି ଶୁଭାଶୁଭ ହୋଇଥାଏ, ତା' ହେଲେ 'ମନ୍ଦପିଆ' (ମଦ୍ୟପାନ) ପାଇଁ ନିର୍ଦ୍ଦିଷ୍ଟ ଦିନ ଧାର୍ଯ୍ୟ କରିଥାନ୍ତି ଏବଂ କନ୍ୟାପିତା ଘରକୁ ଜଣାଇ ଦେଇଥାନ୍ତି । ବିଂଝାଲ ଜନଜାତିରେ ସଗୋତ୍ର ବା ସମାନ ବର୍ଗରେ (ବରଗ)ରେ ବିବାହ କରିନଥାନ୍ତି । ସଗୋତ୍ର ବା ସମବର୍ଗର ଲୋକଙ୍କୁ ଭାଇ ଓ ଭଉଣୀ ସମ୍ପର୍କ ରୂପେ ଧରିଥାନ୍ତି ।

ବିଂଝାଲ ସମ୍ପ୍ରଦାୟରେ ବିବାହ କାର୍ଯ୍ୟ ଚାରିଦିନ ଧରି ଅନୁଷ୍ଠିତ କରିଥାନ୍ତି । ବରପିତା ବିବାହର ଏକ ମାସ ପୂର୍ବରୁ ଖଡ଼ି (ଖରି) ବା ଜାତକ ଦେଖି ଏକ ଶୁଭଲଗ୍ନ ତିଥି ବାହାର କରିଥାନ୍ତି । ତା'ପରେ ନିଜ ସମାଜର ଦୁଇ ତିନିଜଣ ବନ୍ଧୁଲୋକଙ୍କୁ ନେଇ କନ୍ୟାପିତା ଘରକୁ ଯାଇଥାନ୍ତି । ବରପିତା କନ୍ୟାପିତା ଘରକୁ ପହଞ୍ଚିଲା ପରେ ସେହି ଦିନ ସନ୍ଧ୍ୟାରେ କନ୍ୟାପିତା ନିଜ ଗାଁ ସମାଜର ବନ୍ଧୁବାନ୍ଧବଲୋକଙ୍କୁ ଏକ ବୈଠକ ଡାକିଥାନ୍ତି । ଏମାନେ ବୈଠକକୁ 'ମାନ୍ଦି' କହିଥାନ୍ତି ।  ଉକ୍ତ ବୈଠକରେ ବରପିତା ବିବାହର ଏକ ଶୁଭଲଗ୍ନ ତିଥି ଆଣିବାର ଆଲୋଚନା କରିଥାନ୍ତି । ଏହାକୁ 'ବିହା ମାଗନ୍' ବୋଲି କହିଥାନ୍ତି । ଯଦି ସେହି ଶୁଭଲଗ୍ନ ତିଥିରେ କନ୍ୟାପିତାର କିଛି ଅସୁବିଧା କିମ୍ବା ବିବାହପାଇଁ ଅର୍ଥର ସାମର୍ଥ୍ୟ ନଥିଲେ ବିବାହକୁ ଆଉ ଦୁଇ ତିନିମାସ କିମ୍ବା ବର୍ଷେ ଘୁଞ୍ଚେଇବାକୁ କହିଥାନ୍ତି । ଯଦି କନ୍ୟାପିତା ଉକ୍ତ ଶୁଭଲଗ୍ନ ତିଥିରେ ବିବାହପାଇଁ ସହମତି ହୁଅନ୍ତି, ତେବେ ସମାଜର ସମସ୍ତ ବନ୍ଧୁବାନ୍ଧବ ଲୋକଙ୍କୁ ଶୁଭଲଗ୍ନ ତିଥିକୁ ପଢ଼ି ଶୁଣାଇଥାନ୍ତି । ଏହା ପରେ ଉଭୟଙ୍କ ଘରେ ବିବାହ ପାଇଁ ପ୍ରସ୍ତୁତ ହୋଇଥାନ୍ତି । ଏକ ମାସ ପୂର୍ବରୁ ସମସ୍ତ ବନ୍ଧୁବାନ୍ଧବ ଲୋକଙ୍କୁ ନିମନ୍ତ୍ରଣ ପତ୍ର ଦେଇ ନିମନ୍ତ୍ରିତ କରିଥାନ୍ତି ।

ବିବାହର ପ୍ରଥମ ଦିନର ପୂର୍ବ ଦିନ ସନ୍ଧ୍ୟାରେ ବରପିତା ନିଜ ସମାଜର ବନ୍ଧୁଲୋକଙ୍କୁ ଏକ ବୈଠକ ଡାକିଥାନ୍ତି । ଉକ୍ତ ବୈଠକରେ ନିଜ ସମାଜର ବନ୍ଧୁଲୋକଙ୍କ ମଧ୍ୟରୁ ଦୁଇ ଜଣ 'ଜଲଗିଆଁ' ଓ ଚାରି ପାଞ୍ଚଜଣ ରୋଷେୟା ଚୟନ କରିଥାନ୍ତି । ରୋଷେୟାକୁ 'ରନ୍ଧନିଆ' ବୋଲି କହିଥାନ୍ତି । ବିବାହର ଆରମ୍ଭ ଦିନ କିଛି ଜଣ ଜାମୁ କୋଳି ଡାଳ ଆଣିବାକୁ ନିକଟର ଜଙ୍ଗଲକୁ ଯାଇଥାନ୍ତି । ଜାମୁକୋଳି ଡାଳ ଆଣି ବିହା ମଡୁଆ (ବିବାହ ମଣ୍ଡପ) ଓ ଖନ୍ଦା ଶାଲ(ରୋଷେଇ ଶାଳ)କୁ ଛାଉଣି କରିଥାନ୍ତି । ଏହି ଦିନ ବରପିତା ଘରଠାରୁ କନ୍ୟାପିତା ଘରକୁ କନ୍ୟାର ବିବାହ ନିମନ୍ତେ ହଳଦୀ, ତେଲ, ଦୀପ,ଧୂପ, ଖଲି, ଦନା,ଲଗ୍ନ ଶାଢ଼ୀ, ଲଗ୍ନ ଚୁଡ଼ି ପ୍ରଭୃତି ସାମଗ୍ରୀ ସହିତ ବରଯାତ୍ରୀପାଇଁ ଚାଉଳ, ବିଭିନ୍ନ ପନିପରିବା ପ୍ରଭୃତି  ନିର୍ବାଚିତ ଜଲଗିଆଁମାନଙ୍କୁ ପଠେଇ ଥାଆନ୍ତି । ବରପିତା ଘରଠାରୁ ନେଇଥିବା ସାମଗ୍ରୀରେ ହିଁ କନ୍ୟାର ବିବାହରେ ବ୍ୟବହୃତ କରିଥାନ୍ତି।

ବିବାହର ତୃତୀୟ ଦିନ ଭୋର ସକାଳ ବା ପ୍ରାତଃରୁ ବରଯାତ୍ରୀ ପାଇଁ ସଜବାଜ ହୋଇ ବାହାରିଥାନ୍ତି । ବିଂଝାଲ ଜନଜାତିମାନେ ସୂର୍ଯ୍ୟ ବଂଶୀ । ସୂର୍ଯ୍ୟଙ୍କ ଅଙ୍ଗରୁ ଉତ୍ପତ୍ତି ହୋଇଛନ୍ତି । ତେଣୁ  ବିବାହ ପରି ଏକ ଶୁଭ ମୂହୁର୍ତ୍ତରେ ସୂର୍ଯ୍ୟଦେବଙ୍କର ଆଶୀର୍ବାଦ ଅତ୍ୟନ୍ତ ଜରୁରୀ ବୋଲି ମନେ କରିଥାନ୍ତି । ସେମାନଙ୍କ ପୂର୍ବପୁରୁଷମାନେ ବଂଶାନୁକ୍ରମିକ ଭାବରେ ସୂର୍ଯ୍ୟ ଉଦୟ ସମୟକୁ ଶୁଭ ମୂହୁର୍ତ୍ତ ଚିନ୍ତାକରି ବିବାହ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥାନ୍ତି । ବରପିତା ନିଜ ବନ୍ଧୁବାନ୍ଧବ ୫୦ ରୁ ୬୦ ଜଣ ଲୋକଙ୍କୁ ନେଇ ବରଯାତ୍ରୀ ଯାଇଥାନ୍ତି । ବରଘର ବରଯାତ୍ରୀ କନ୍ୟାପିତା ଘରକୁ ପହଞ୍ଚି ଗାଁ ମୁଣ୍ଡରେ ଅପେକ୍ଷା କରିଥାନ୍ତି । ସେଠାରେ କନ୍ୟାପିତା ଘରେ ସମସ୍ତ ବରାଯାତ୍ରୀଙ୍କୁ ଚା, ପାଣି, ଜଳଖିଆ ଦେଇଥାନ୍ତି ।  ତା'ପରେ ବରକୁ ବନ୍ଦାପଣା କରି ଘରକୁ ପ୍ରବେଶ କରିଥାନ୍ତି । ଲଗ୍ନ ସମୟ ଅନୁଯାୟୀ ଲଗ୍ନିଆ(ଯିଏ ଲଗ୍ନ ବାନ୍ଧିଥାନ୍ତି) ନିଜ ସମ୍ପ୍ରଦାୟର ସଂସ୍କୃତି ଓ ପରମ୍ପରାନୁକ୍ରମେ ମନ୍ତ୍ରପାଠ କରି ବରକନ୍ୟାଙ୍କୁ ଲଗ୍ନ ବାନ୍ଧିଥାନ୍ତି । ବିବାହ କାର୍ଯ୍ୟ କନ୍ୟାପିତାଙ୍କ ଘରେ ସମାପନ କରିଥାନ୍ତି । ବରଯାତ୍ରୀଙ୍କ ପାଇଁ ଭୋଜନ ଦିବା ୧୨.୦୦ ଘ. ରୁ ୧.୦୦ ଘ. ମଧ୍ୟରେ ଖାଇବା ଆରମ୍ଭ କରିଥାନ୍ତି । ସମସ୍ତ ବରଯାତ୍ରୀ ଭୋଜନ ଖାଇ ସାରିବା ପରେ ସନ୍ଧ୍ୟା ପୂର୍ବରୁ କନ୍ୟାପିତା ଘରେ କନ୍ୟା ବିଦାୟ କରିଥାନ୍ତି । କନ୍ୟା ନିଜ ଜନ୍ମ ମାଟି କଥା, ନିଜ ଜନ୍ମଦାତ୍ରୀ ପିତାମାତାଙ୍କ କଥା, ସାଙ୍ଗସାଥି,  ଘର ପଡ଼ୋଶୀ ଏପରି ସମସ୍ତଙ୍କ କଥା ମନେ ପକାଇ ନିଜ ହୃଦୟ ବା ଅନ୍ତରର ନିଶୃତ ବେଦନାକୁ ସମସ୍ତଙ୍କ ନିକଟରେ କାନ୍ଦି କାନ୍ଦି ବଖାଣିଥାନ୍ତି । କନ୍ୟା ବିଦାୟ ମୂହୁର୍ତ୍ତରେ ସମସ୍ତେ ପରିବାର ପରିଜନ ଠାରୁ ଆରମ୍ଭ କରି ଗ୍ରାମବାସୀ ପର୍ଯ୍ୟନ୍ତ ସମସ୍ତେ କାନ୍ଦିଥାନ୍ତି ଏବଂ କନ୍ୟାକୁ ବିଦାୟ କରିଥାନ୍ତି। (ସାକ୍ଷାତକାର-ଗୋକୁଳ ବରିହା, ରାମ ସିଂ ବରିହା, କୁସୁମପଡ଼ା, ଲଖନା, ନୂଆପଡ଼ା)

### (ଘ) ମୃତ୍ୟୁ ସଂସ୍କାର

ବିଂଝାଲ ଜନଜାତିରେ କୌଣସି ପୁଅ, ଝିଅ, ପୁରୁଷ କିମ୍ବା ସ୍ତ୍ରୀ ମୃତ୍ୟୁବରଣ ହେଲେ, ମୃତବ୍ୟକ୍ତି ଘରର ଲୋକ ନିଜ ଗ୍ରାମରେ ଥିବା ବନ୍ଧୁବାନ୍ଧବ ତଥା ନିଜ ସମ୍ପର୍କୀୟମାନଙ୍କୁ ଶବ ସତ୍କାର କରିବାପାଇଁ ଘରକୁ ଡାକିଥାନ୍ତି । ଲୋକଟିର ମୃତ୍ୟୁ ପରେ ତା ପରିବାର କିମ୍ବା ଜ୍ଞାତି କୁଟୁମ୍ବ ମଧ୍ୟରେ କାନ୍ଦ ବୋବାଳି କରିଥାନ୍ତି । ଏହାର କାରଣ ମୃତାତ୍ମା ଅନୁଭବ କରିଥାଏ ଯେ ତା ଯୋଗୁଁ ତାର ପରିବାର ବର୍ଗ ଦୁଃଖିତ । ମୃତ ବ୍ୟକ୍ତିର ଶରୀରକୁ କେହି ଛୁଇଁଲେ ଅପବିତ୍ର ହୋଇଥାନ୍ତି । ଶବକୁ ନ ଛୁଇଁବାର କାରଣ ଯଦି ଛୁଆଁଯାଏ, ତେବେ ଘର ଭିତରେ ବୁଲୁଥିବା ପ୍ରେତାତ୍ମା ତାର କ୍ଷତି ସାଧନ କରିପାରେ । ଲୋକଟି ଦିନରେ ମଲେ ବା ରାତିରେ ମଲେ ପରିବାର ଲୋକେ ପ୍ରଥମେ ଗ୍ରାମ ଚପରାସୀ ବା ଗାଁର କତୁଆଳ ବା ଡାକୁଆକୁ ଏହି ବିଷୟରେ ଖବର ଦେଇଥାନ୍ତି । କତୁଆଳ ଉକ୍ତ ଗ୍ରାମରେ ଥିବା ବନ୍ଧୁବାନ୍ଧବ ଘରକୁ ଘର ଯାଇ ଖବର ଦେଇଥାନ୍ତି । ଲୋକଟି ରାତିରେ ମୃତ ହେଲେ ସମାଜର ବନ୍ଧୁବାନ୍ଧବ ଶବକୁ ସକାଳ ହେବା ପର୍ଯ୍ୟନ୍ତ ଜଗିରହିଥାନ୍ତି । ମୃତ ବ୍ୟକ୍ତିଙ୍କୁ ଏକା ଛାଡ଼ି ନଥାନ୍ତି । କାରଣ ସେମାନଙ୍କ ବିଶ୍ୱାସ ଯଦି ଏକା ଛାଡ଼ି ଦିଅନ୍ତି, ତେବେ ମୃତ ଶରୀର ଶୀଘ୍ର ନଷ୍ଟ ବା ଦୁର୍ଗନ୍ଧ ହୋଇଥାନ୍ତି କିମ୍ବା ମୃତ ବ୍ୟକ୍ତିର ଆତ୍ମା ସ୍ୱର୍ଗ ପ୍ରାପ୍ତି ନହୋଇ, ପ୍ରେତାତ୍ମା ହୋଇଥାନ୍ତି ବୋଲି ବିଶ୍ୱାସ କରିଥାନ୍ତି । ସମସ୍ତ ବନ୍ଧୁବାନ୍ଧବ ଓ ସମ୍ପର୍କୀୟମାନେ ଆସି ମୃତ ବ୍ୟକ୍ତିଙ୍କୁ ଖଟରୁ ଓହ୍ଲାଇ ତଳେ ଶୋଇ ଦେଇଥାନ୍ତି ଏବଂ ଶବ ସତ୍କାର ପାଇଁ ପ୍ରସ୍ତୁତ କରିଥାନ୍ତି । ମୃତବ୍ୟକ୍ତି

ବ୍ୟବହୃତ କରୁଥିବା ଦଉଡ଼ି ଖଟ(ଡୋର୍ ଖଟିଆ)କୁ ଓଲଟା ରଖି ଶବକୁ ଶୋଇ ଦେଇଥାନ୍ତି । ମଶାଣି(ମଶାନ୍ ଘାଟ୍)କୁ ନେବାବେଳେ ମୃତ ବ୍ୟକ୍ତି ବ୍ୟବହୃତ କରୁଥିବା ପୋଷାକ, ଛତା, ଜୋତା, ବାଡ଼ି ପ୍ରଭୃତି ତା ସାଙ୍ଗରେ ଦେଇଥାନ୍ତି । ଶବ କୋକେଇ ବୋହିବାପାଇଁ ମୃତ ବ୍ୟକ୍ତିର ପୁଅ, ପୁତୁରା, ଭଣଜା, ଜ୍ୱାଇଁ ତଥା ଆତ୍ମୀୟ ମାନଙ୍କୁ ଆଗ୍ରାଧିକାର ଦେଇଥାନ୍ତି । ସମାଜର ବନ୍ଧୁବାନ୍ଧବ ତରଫରୁ ଜଣେ ବୋହିଥାନ୍ତି । ପୁରୁଷମାନେ ଶବକୁ ନେଇ ଡେରା ବାଟ୍ (ଗାଁ ଦାଣ୍ଡ ରାସ୍ତାର ଶାଖା ରାସ୍ତା) ପର୍ଯ୍ୟନ୍ତ ଆଗୁଆ ଯାଇ ସ୍ତ୍ରୀ ଲୋକମାନଙ୍କୁ ଅପେକ୍ଷା କରିଥାନ୍ତି । ସ୍ତ୍ରୀ ଲୋକମାନେ ହଳଦୀ ତେଲ ଧରି କାନ୍ଦି କାନ୍ଦି ଶବ ପାଖକୁ ଯାଇଥାନ୍ତି । ସେଠାରେ ଶବ ଦେହରେ ହଳଦୀ ତେଲ ଲଗେଇଥାନ୍ତି । ଯଦି ସ୍ୱାମୀ ମୃତ ହୋଇଥାନ୍ତି, ତେବେ ସେହି ସ୍ତ୍ରୀ ଲୋକର ଚୁଡ଼ି ଭାଙ୍ଗି ଦେଇଥାନ୍ତି । ସ୍ତ୍ରୀ ଲୋକମାନେ ଶବକୁ ହଳଦୀ ତେଲ ଲଗେଇ ସାରିବା ପରେ ପାଖ ପୋଖରୀକୁ ଯାଇ ଗାଧୋଇ ଘରକୁ ଫେରିଥାନ୍ତି । ଅନ୍ୟପଟେ ଶବ କୋକେଇ ଚାରିଜଣ ବୋହିଥାନ୍ତି ଏବଂ ଅନ୍ୟମାନେ ଶବ କୋକେଇର ପଛପଛ ଗୋଟିଏ ଧାଡ଼ି ହୋଇ ଚାଲିଥାନ୍ତି । ଶବ ଉପରେ ଟଙ୍କା ଓ ଫୁଲା ଲିଆ(ଧାନରେ ଭଜା ହୋଇଥିବା ଖଇ) ଛିଞ୍ଚିଥାନ୍ତି । ପୁରୁଷମାନେ ଶବକୁ ନେଇ ମୃତ ବ୍ୟକ୍ତିର ଜମିରେ ଶବ ସତ୍କାର କରିବା ପାଇଁ ପହଁଞ୍ଚିଥାନ୍ତି । ପୂର୍ବପୁରୁଷର ମୃତ ଶରୀର ପୋତାଯାଇଥିବା ଗଛ ତଳେ ମୃତ ବ୍ୟକ୍ତିର ଶବକୁ ଓହ୍ଲାଇ ରଖିଥାନ୍ତି ।

ବିଂଝାଲ ଜନଜାତିରେ ଶବକୁ ପୋଡ଼ି ନଥାନ୍ତି । ପରିବାରର ସଦସ୍ୟଙ୍କ ମୃତ ପରେ ପୂର୍ବରୁ ମୃତ୍ୟୁବରଣ କରିଥିବା ପୂର୍ବପୁରୁଷଙ୍କ ମୃତ ଶରୀର ପୋତାଯାଇଥିବା ବୃକ୍ଷ ମୂଳରେ ଏକାଠି ଶବ ପୋତିଥାନ୍ତି । ଶବର ଲମ୍ବ ଅନୁସାରେ ପାଞ୍ଚରୁ ଛଅ ଫୁଟ ଲମ୍ବ, ଦୁଇ ଫୁଟ ପ୍ରସ୍ଥ ଓ ତିନି ଫୁଟ ଗଭୀର ଗାତ ଖୋଳିଥାନ୍ତି । ଶବ ପୋତିବାପାଇଁ ଦୁଇ ଜଣ ଗାତ ଖୋଳିଥାନ୍ତି ଏବଂ ଅନ୍ୟମାନେ ପଥର ସଂଗ୍ରହ କରିଥାନ୍ତି । ମୃତବ୍ୟକ୍ତିର ବଡ଼ ପୁଅ ଶବକୁ ନିମ୍ବ ଡାଳରେ ବିଞ୍ଚଣା ପରି ବିଞ୍ଚି ଥାଆନ୍ତି । ସେଠାରେ ଭାତ ରାନ୍ଧିଥାନ୍ତି ଏବଂ ନିଜ ଆତ୍ମୀୟ ସମ୍ପର୍କୀୟମାନେ ମୃତ ବ୍ୟକ୍ତିର ମୁହଁ ପୋଛି ଦେଇ ଭାତ ଖୁଆଇଥାନ୍ତି । ତା'ପରେ ଶବକୁ ଗାତର ଚତୁଃପାର୍ଶ୍ୱରେ ସାତ ଥର ପରିକ୍ରମା କରିଥାନ୍ତି ଏବଂ ଉତ୍ତର ଦିଗ ମୁଣ୍ଡ ଓ ଦକ୍ଷିଣ ଦିଗ ଗୋଡ଼ ରଖି ପୋତି ଦେଇଥାନ୍ତି । ପ୍ରଥମେ ଶବ ଉପରେ ମାଟି ପରେ ପଥର ଦେଇଥାନ୍ତି । ଶବ ପୋତି ସାରିବା ପରେ ଟାଙ୍ଗିଆ, କୁଦାଲି(କୁଦାଳ), ରଫା(ଫାଉଡ଼ା)କୁ ଓଲଟା ରଖି ସମସ୍ତେ ଗୋଟିଏ ପୋଖରୀକୁ ଗାଧୋଇବାପାଇଁ ଯାଇଥାନ୍ତି ।

ସମସ୍ତେ ଗାଧୋଇବା ପୂର୍ବରୁ ପୋଖରୀ ପାଖରେ ବାରିକଙ୍କ ଦ୍ୱାରା ନିଶ ଦାଢ଼ି ଖିଅର ହୋଇଥାନ୍ତି । ସେଠାରେ ଅଁଳା ପତ୍ର ସହିତ ମାଟିରେ ପାଣିଦେଇ ମୁଣ୍ଡ ସଫା କରି ଗାଧୋଇଥାନ୍ତି । ଗାଧୋଇ ସାରିବା ପରେ ସମସ୍ତେ ଗୋଟିଏ ସ୍ଥାନରେ ରୁଣ୍ଡ ହୋଇଥାନ୍ତି । ଏହି ସମୟରେ ବନ୍ଧୁ ଘରର ଜଣେ ଲୋକ ଗୋଟିଏ ସାହାଜ ପତ୍ର ଦନାରେ ସଲିହା ଗଛର ଛାଲିକୁ ଗୁଣ୍ଡ କରି ଖୋଲା ହୋଇଥିବା ଟାଙ୍ଗିଆ ବେଣ୍ଟରେ ସେହି ପାଣିକୁ ଢାଳିଥାନ୍ତି । ସମସ୍ତେ ସେହି ପାଣିକୁ ହାତରେ ଧରି ନିଜ ନିଜର ମୁଣ୍ଡରେ ଛିଞ୍ଚି ହୋଇ ଘରକୁ ଫେରିଥାନ୍ତି। ଘର ପାଖରେ ନିଜ ସମ୍ପ୍ରଦାୟର ଜଣେ ବନ୍ଧୁ ଲୋକ ଗୋଟିଏ ଦନାରେ କଞ୍ଚା କ୍ଷୀର ବା ହଳଦୀ ଧରି ଦୂବଘାସ ଦ୍ୱାରା ମଶାଣି ଭୂଇଁରୁ ଫେରିବା ଲୋକଙ୍କ ମୁଣ୍ଡରେ ଛିଞ୍ଚିଥାନ୍ତି । ତାପରେ ସମସ୍ତେ ନିଜ ନିଜ ଘରକୁ ଯାଇ ପ୍ରବେଶ କରିଥାନ୍ତି । ପ୍ରଥମ ଦିନର କାର୍ଯ୍ୟ ଏତିକିରେ ଶେଷ କରିଥାନ୍ତି ।

ତେଲ୍ କାମ୍ (ଶୁଦ୍ଧି କ୍ରିୟା): ସାଧାରଣତଃ ବିଂଝାଲ ଜନଜାତିରେ ତେଲ୍ କାମ୍ ବା ତେଲ୍ ପାନି(ଶୁଦ୍ଧି କ୍ରିୟା) ତିନି ଦିନରେ କରିଥାନ୍ତି । ଏହାକୁ 'ପାନିଗୋଧା' କହିଥାନ୍ତି । ଘରର ମୁଖ୍ୟା ନିଜ ଗ୍ରାମର ବନ୍ଧୁବାନ୍ଧବ ତଥା ଅନ୍ୟ ଗ୍ରାମରେ ଥିବା ସମ୍ପର୍କୀୟମାନଙ୍କୁ ତେଲ କାମପାଇଁ ନିମନ୍ତ୍ରଣ କରିଥାନ୍ତି । ନିମନ୍ତ୍ରିତ ବନ୍ଧୁବାନ୍ଧବ ଲୋକମାନେ ସକାଳୁ ତେଲ କାମପାଇଁ ପହଞ୍ଚିଥାନ୍ତି । ମୃତ ହୋଇଥିବା ବ୍ୟକ୍ତିର ବଂଶ ଲୋକଙ୍କୁ ଛାଡ଼ି ଅନ୍ୟ ବଂଶର ବନ୍ଧୁବାନ୍ଧବ ଚାରି ପାଞ୍ଚଜଣ ଲୋକ ସକାଳୁ ଖିଅର ହୋଇ ଗାଧୋଇ ଆସିଥାନ୍ତି ଏବଂ ନୂଆ ହାଣ୍ଡିରେ ତେଲ ଲଗାଇ ଗାଈ କ୍ଷୀର ଛିଞ୍ଚି ରାନ୍ଧିବା କାର୍ଯ୍ୟ ଆରମ୍ଭ କରିଥାନ୍ତି । ଏହି ଦିନ ସମସ୍ତ ନିଜ ବଂଶର ଲୋକମାନେ ଖିଅର ସହ ମୁଣ୍ଡନ ହୋଇଥାନ୍ତି ଏବଂ ସମାଜର ବନ୍ଧୁବାନ୍ଧବ ଲୋକମାନେ କେବଳ ଖିଅର ହୋଇଥାନ୍ତି । ସମସ୍ତେ ଖିଅର ହେଲା ପରେ ପୋଖରୀକୁ ଗାଧୋଇବାପାଇଁ ଯାଇଥାନ୍ତି । ପୋଖରୀ ତୁଠରେ ସମସ୍ତେ ମୁଣ୍ଡରେ ମାଟି ବୋଳି ହୋଇ ଗାଧୋଇ ଥାଆନ୍ତି ଏବଂ ଗାଧୋଇ ସାରିବା ପରେ ଘରକୁ ଫେରିଥାନ୍ତି । ଏହି ଦିନଠାରୁ ସମସ୍ତେ ଦେହ କିମ୍ବା ମୁଣ୍ଡରେ ତେଲ ସାବୁନ ଲଗେଇବା ସହ ରାନ୍ଧିବା ଜିନିଷରେ ମଧ୍ୟ ତେଲ ବ୍ୟବହାର କରିଥାନ୍ତି । ତା ପରେ ସମସ୍ତେ ମିଳିମିଶି ତେଲ କାମ ଭୋଜି ଖାଇଥାନ୍ତି । ଏହି ଦିନ ଘରର ମୁଖ୍ୟାଙ୍କ ସହ ଦଶାହ କାର୍ଯ୍ୟ ବିଷୟରେ ଆଲୋଚନା କରିଥାନ୍ତି ।

ଦଶ୍ କରମ୍ (ଦଶାହ କାର୍ଯ୍ୟ): ଦଶାହ କାର୍ଯ୍ୟ ଦଶ ଦିନରେ ସମାପନ କରିଥାନ୍ତି । ଦଶାହ କାର୍ଯ୍ୟପାଇଁ ଘରର ମୁଖ୍ୟା ସମାଜର ସମସ୍ତ ବନ୍ଧୁବାନ୍ଧବ ତଥା ସମ୍ପର୍କୀୟ ଲୋକମାନଙ୍କୁ ନିମନ୍ତ୍ରଣ କରିଥାନ୍ତି । ଦଶାହ ଦିନ ନିର୍ଦ୍ଦିଷ୍ଟ ସମୟରେ ଆମନ୍ତ୍ରିତ ଲୋକମାନେ ପହଞ୍ଚିଥାନ୍ତି । ତାପରେ ସମସ୍ତେ ମିଶି ପୋଖରୀକୁ ଗାଧୋଇବାପାଇଁ ଯାଇଥାନ୍ତି । ପ୍ରଥମେ ସ୍ତ୍ରୀ ଲୋକମାନେ କୁଲାରେ ଧଳା ଧୋତିରେ ଡୁମାକୁ ଘୋଡାଇ ପୋଖରୀ ତୁଠକୁ ଯାଇଥାନ୍ତି ଏବଂ ପରେ ପୁରୁଷ ଲୋକମାନେ ଯାଇଥାନ୍ତି । ସମସ୍ତେ ପୋଖରୀ ତୁଠକୁ ପହଞ୍ଚି ଗାଧୋଇ ଡୁମାକୁ ଜଣେ ପରେ ଜଣେ ପୂଜା କରିଥାନ୍ତି । ତା ପରେ ସମସ୍ତେ ଘରକୁ ଫେରିଥାନ୍ତି । ଘରକୁ ଆସି ପୂର୍ବପୁରୁଷର ଡୁମା ପୂଜା ପାଉଥିବା ସ୍ଥାନରେ ସ୍ଥାପନ କରିଥାନ୍ତି । ସେହିଦିନଠାରୁ ଡୁମାକୁ ପ୍ରତ୍ୟେକ ପର୍ବ ପର୍ବାଣିରେ ପୂଜା କରିଥାନ୍ତି । ନିମନ୍ତ୍ରିତ ସମସ୍ତ ବନ୍ଧୁବାନ୍ଧବ ଦଶାହ ଅନ୍ନ ସେବନ କରି ନିଜ ନିଜ ଘରକୁ ଫେରି ଯାଇଥାନ୍ତି । (ସାକ୍ଷାତକାର- ମୋତିରାମ- ବରିହା, ସରେଇପାଲି, ନୂଆପଡ଼ା)

## ଉପସଂହାର

ଓଡ଼ିଶାର ଆଦିବାସୀମାନେ ନିଜର ସଂସ୍କୃତି, ପରମ୍ପରା ଓ ଚାଲିଚଳଣିକୁ ସୃଷ୍ଟିର କେଉଁ ଆବାହମାନ କାଳରୁ ଅକ୍ଷୁର୍ଣ୍ଣ ରଖି ଆସୁଛନ୍ତି । ଠିକ୍ ସେହିଭଳି ବିଂଝାଲ ଜନଜାତି ମଧ୍ୟ ନିଜର ସଂସ୍କୃତି ଓ ପରମ୍ପରାକୁ ପାଳନ କରି ଆସୁଛନ୍ତି । ଆଧୁନିକ ଶିକ୍ଷିତ ସଭ୍ୟତା ଯେଉଁ ଭଳି ଭାବରେ ଦ୍ରୁତ ଗତିରେ ଆଗେଇ ଚାଲିଛି, ତା' ସହିତ ବିଂଝାଲ ଜକନଜାତି ମଧ୍ୟ ଶିକ୍ଷା, ଅର୍ଥନୀତି ଓ ସାମାଜିକ କ୍ଷେତ୍ରରେ ଖାପ ଖୁଆଇ ଆଗେଇ ଚାଲିଛି । ବର୍ତ୍ତମାନ ଶିକ୍ଷିତ ଯୁବପିଢ଼ିମାନେ ଉଚ୍ଚ ଶିକ୍ଷା ଗ୍ରହଣ କଲା ପରେ ନିଜର ମୂଳ ସଂସ୍କୃତିକୁ ଭୁଲିବାରେ ଲାଗିଛନ୍ତି । ଆଶା କରୁଁ ସେମାନେ ଶିକ୍ଷିତ

ହେଲାପରେ ମଧ୍ୟ ନିଜର ମୂଳ ସଂସ୍କୃତି, ପରମ୍ପରା, ଲୋକଚଳଣି ଓ ବିଶ୍ୱାସକୁ ଆପଣେଇ ନେବା ସର୍ବାଦୌ ଉଚିତ ହେବ।

ପାଦଟୀକା

(୧) ପ୍ରସାୟତ, ଚିତ୍ରସେନ୍- ଆଦିବାସୀ ମୌଖିକ ସାହିତ୍ୟ ପରମ୍ପରା, ପୃ-୨୧

(୨) ମିଶ୍ର, ନୃସିଂହ ପ୍ରସାଦ ଓ ସାହୁ ଶୁକଦେବ- ଆଦିବାସୀ ସମାଜ ଓ ସଂସ୍କୃତି, ପୃ-୧୩

(୩) ସିଂ, ଡ. ସ୍ୱପ୍ନାରାଣୀ- ଓଡ଼ିଆ ସାହିତ୍ୟରେ ଜନଜାତି ପ୍ରସଙ୍ଗ, ପୃ- ୩୧

**ସହାୟକ ଗ୍ରନ୍ଥସୂଚୀ**


୧. ନେପାକ ଭାଗୀରଥୀ- ଓଡ଼ିଶାର ଆଦିବାସୀ ସମାଜ, କେ. କେ. ମିଶ୍ର ଏଣ୍ଡ କୋ, ଖଟବିନ୍ ସାହି, କଟକ, ପ୍ରଥମ ପ୍ରକାଶ- ୧୯୮୪

୨. ମିଶ୍ର ନୃସିଂହ ପ୍ରସାଦ, ସାହୁ ଶୁକଦେବ-ଆଦିବାସୀ ସମାଜ ଓ ସଂସ୍କୃତି, ମନୋରମା ପବ୍ଲିଶର୍ସ, ବାଲୁବଜାର, କଟକ, ପ୍ରଥମ ସଂସ୍କରଣ – ୨୦୦୮

୩. ବାଗ ସଞ୍ଜୟ କୁମାର – ଓଡ଼ିଶାର ଆଦିବାସୀ ସଂସ୍କୃତି, ବ୍ଲାକ୍ ଇଗଲ୍ ବୁକ୍ସ ,ପ୍ରଥମ ପ୍ରକାଶ:୨୦୧୯

୪. ଦାସ ବାଇଡ଼ଙ୍କ – ଓଡ଼ିଶାର ଜନଜାତି(ଭାଷା, ସଂସ୍କୃତି ଓ ପରମ୍ପରା), ଚିତ୍ରୋତ୍ପଳା ପବ୍ଲିକେଶନ୍, ବଟେଶ୍ୱର, ସାଲେପୁର, କଟକ, ପ୍ରଥମ ସଂସ୍କରଣ - ୧ ଅପ୍ରେଲ ୨୦୧୮